# ‘ଆମ ଗାଁ ସାହିତ୍ୟ’ ପରିଷଦ ପକ୍ଷରୁ ପୁସ୍ତକ ଉନ୍ମୋଚନ



କେନ୍ଦ୍ରାପଡ଼ା, ୧୮।୨(ସମିସ): କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ଆମ ଗାଁ ସାହିତ୍ୟ’ ପରିଷଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ କବିତା ପାଠ ପୌର ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆମ ଗାଁ ସାହିତ୍ୟ ପରିଷଦର ଉପଦେଷ୍ଟା ମେଜର ଭରତ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ସରିତା ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍, ଡ. ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ପ୍ରକୃତି କବି ପ୍ରେମାନନ୍ଦ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇ ବରିଷ୍ଠ କବି ତଥା ବାସ୍ତୁବିତ ନାରାୟଣ ପତିଙ୍କ କବିତା ସଙ୍କଳନ ପୁସ୍ତକ “ମା’ ର ପଣତ ଶ୍ରୀମନ୍ଦିର ନେତ” ଉନ୍ମୋଚନ କରି ସମୀକ୍ଷା କରିଥିଲେ।

ପ୍ରଥମେ ନୂପୁର ଡ୍ୟାନ୍ସ ଏକାଡେମୀ ତରଫରୁ ସ୍ୱାଗତ୍ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆମ ଗାଁ ସାହିତ୍ୟ ପରିଷଦର ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ ଓ ବରିଷ୍ଠ କବି ନିକୁଞ୍ଜ ବିହାରୀ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ କବି ନାରାୟଣ ପତି ଓ ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ସମେତ ସମସ୍ତ ନୃତ୍ୟଶିଳ୍ପୀ ମାନଙ୍କୁ ଉତ୍ତରୀୟ, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କବି ଶୈଳଜା ଶଙ୍କର ସାମଲ, ଅଶୋକ କୁମାର ସାହୁ, କବିତା ମୁଦୁଲିଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ମୌସୁମୀ ସାହିତ୍ୟ ପରିଷଦର ସମ୍ପାଦକ ଡକ୍ଟର ଶ୍ରୀଧର ସାମଲ, ରଘୁନାଥ ସାହୁ, ଇଶ୍ୱର ଚନ୍ଦ୍ର ପୃଷ୍ଟି, ରତ୍ନାକର ମଲ୍ଲିକ, ରଞ୍ଜନ ବାଇ, ନିରୁପମା ଦାସ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ପଲକ୍‌ର ସମ୍ପାଦକ ଶଶିକାନ୍ତ ଦାସ, ସମ୍ବାଦ ସାହିତ୍ୟ ଘରର ସଭାପତି ଅବନ୍ତୀ ବେହେରା, ରଣଧୀର ଜେନା, ପ୍ରଭାତୀ ଧଳ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ। ଶେଷରେ ଅଧ୍ୟାପକ ଗିରିଜା କାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରୁ ମୁହଁ ଫେରାଇଲେଣି ଚାଷୀ; ଖୋଲା ବଜାରକୁ ପସନ୍ଦ

ଡେରାବିଶ, ୧୮।୨(ସମିସ):



ସରକାରଙ୍କ ସର୍ବନିମ୍ନ ସହାୟତାରାଶି ଅନୁଯାୟୀ ଏଫ୍‌ଏକ୍ୟୁମାନର ଧାନ କ୍ୱିଣ୍ଟାଲ ପ୍ରତି ଧାର୍ଯ୍ୟ କରିଥିବା ୨୧୮୩ ଟଙ୍କାରେ ଧାନ ବିକ୍ରି ନକରି ଚାଷୀ ଖୋଲା ବଜାରରେ ଦେବାକୁ ପ୍ରଥମ ପସନ୍ଦ କରୁଥିବା ଦେଖାଯାଇଛି। ଯାହା ଫଳରେ ସମବାୟ ସମିତି ଠାରୁ ଖୋଲାବଜାରର ବେପାରୀ ଅଧିକ ଧାନ ସଂଗ୍ରହ କରି ବାହାରକୁ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଘଟଣା କ୍ରମରେ ପୂର୍ବ ବର୍ଷମାନଙ୍କରେ ଖୋଲା ବଜାରରେ ଅଭାବୀ ବିକ୍ରିର ସୁଯୋଗ ନେଇ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଢ଼େର କମ୍ ମୂଲ୍ୟରେ ଧାନ କିଣି ମଣ୍ଡିରେ ଚାଷୀମାନଙ୍କ ନାଁରେ ଧାନ ବିକ୍ରି କରି ମୁନାଫା ପାଉଥିଲେ। ହେଲେ ବାହାର ରାଜ୍ୟରେ ଧାନର ମୂଲ୍ୟ ଓଡ଼ିଶା ଠାରୁ ଅଧିକ ହୋଇଥିବାରୁ ବେପାରୀମାନେ ରାଜ୍ୟ ବାହାରକୁ ଧାନ ଚାଲାଣ କରୁଛନ୍ତି। ଚାଷୀମାନଙ୍କଠାରୁ ବର୍ତ୍ତମାନ ସର୍ବାଧିକ ଧାନ କୁଇଣ୍ଟାଲ ପ୍ରତି ୨୦୦୦ ଟଙ୍କା ଦେଉଥିବା ଦେଖିବାକୁ ମିଳିଛି। ସାଧାରଣରେ ମଣ୍ଡିକୁ ଧାନ ଆଣିବା ପାଇଁ ପରିବହନ ଖର୍ଚ୍ଚ, ଧାନକୁ ଓଜନ କରିବା ପାଇଁ ମୂଲିଆ ପାଉଣା ଏବଂ ଧାନର ମାନ ନିମ୍ନମାନର ହେବା କହି କଟନି ଛଟନି ବାବଦରେ ବସ୍ତା ପିଛା ୩ରୁ ୫ କିଲୋଗ୍ରାମ କଟାଯାଉଥିବାରୁ ଚାଷୀ ପ୍ରକୃତରେ ସମବାୟ ସମିତି ମାନଙ୍କରେ ଧାନ କ୍ୟୁଇଣ୍ଟାଲ ପିଛା ୨୦୦୦ ଟଙ୍କାରୁ କମ୍ ପାଉଛି। ଅପରପକ୍ଷରେ ବେପାରୀମାନେ ଚାଷୀଙ୍କ ଘରେ ପହଞ୍ଚି ସେଠାରେ ଓଜନ କରି ଚାଷୀଙ୍କୁ ଉଚିତ୍ ମୂଲ୍ୟ ସଙ୍ଗେ ସଙ୍ଗେ ଦେବା ଦ୍ୱାରା ଚାଷୀମାନେ ବାହାରେ ବିକିବା ପାଇଁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଆଗକୁ ଖୋଲା ବଜାରରେ ଧାନ ମୂଲ୍ୟ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ହେବ ବୋଲି ଚାଷୀମାନେ ଆଶା ପୋଷଣ କରି ସେହି ସମୟକୁ ଅପେକ୍ଷା କରିଛନ୍ତି।

● ରୁଦ୍ର ଶାଳିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଦେମାଳକୁ ହରାଇ ରାଧାନଗର ଚାମ୍ପିଅନ




ଆଳି, ୧୮।୨(ସମିସ): ଆଳି ମିଲବଜାର ଖେଳ ପଡ଼ିଆରେ ରବିବାର ଦିନ ରୁଦ୍ର ଶାଳିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରାଧାନଗର କ୍ରିକେଟ ଟିମ ଓ ଦେମାଳ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଧାନଗର ଟସ୍ ଜିତି ଦେମାଳ କ୍ରିକେଟ ଦଳକୁ ବ୍ୟାଟିଂ ଦେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ଦେମାଳ ୯ ଉଇକେଟ ହରାଇ ୧୦୦ ରନ କରିଥିଲା। ଜବାବରେ ରାଧାନଗର କ୍ରିକେଟ ଟିମ ପାଞ୍ଚ ଉଇକେଟ ହରାଇ ମ୍ୟାଚ ଜିତିବା ସହିତ ଚମ୍ପିୟାନ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ ଆଳି ପଂଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହିତ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେମାଳ ଗ୍ରାମ ପଞ୍ଚାୟତର ସରପଞ୍ଚ ରିତାରାଣୀ ପରିଡ଼ା ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ସହିତ ଦଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ରାଧାନଗର କ୍ରିକେଟ ଟିମର ସୌରଭ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଅବସରପ୍ରାପ୍ତ ସୈନିକ ପ୍ରଫୁଲ୍ଲ ରାୟଙ୍କ ଆୟୋଜନରେ ହୋଇଥିବା ବେଳେ ଖରାଖାଇ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଖେଳକୁ ଅମ୍ପାୟାର ଭାବରେ ପ୍ରତାପ ରାୟ ଓ ମନୋଜ ସିଂ।

● ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କଟକ ରୋଭର୍ସ କ୍ରିକେଟ କ୍ଲବ ଚାମ୍ପିଅନ

ଡେରାବିଶ, ୧୮।୨(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ମିନିଷ୍ଟାଡିୟମରେ ଡେରାବିଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୫୧ତମ ବାର୍ଷିକ ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କଟକ ରୋଭର୍ସ କ୍ରିକେଟ୍ କ୍ଲବ ଓ ଯାଜପୁର ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ରୋଭର୍ସ କ୍ରିକେଟ୍ କ୍ଲବ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ୨୫ ଓଭରରେ ୫ ଉଇକେଟ ବିନିମୟରେ ୨୪୭ ରନ କରିଥିଲେ। ଜବାବରେ ଯାଜପୁର ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ସମସ୍ତ ୱିକେଟ୍ ହରାଇ ୨୪୭ ରନ ସଂଗ୍ରହ କରିଥିବା ବେଳେ ଅମ୍ପାୟାରଙ୍କ ନିଷ୍ପତି କ୍ରମେ ଟାଇର ରୋଭର୍ସ କ୍ଲବ ଚାମ୍ପିଅନ୍ ହୋଇଥିଲେ। ପ୍ରାରମ୍ଭରେ ଡେରାବିଶ କ୍ରିକେଟ୍ କ୍ଲବର ସଭାପତି ରଞ୍ଜନ କୁମାର ସାହୁ ଉଭୟ ଦଳର ଖେଳାଳୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ସଭାପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କଟକ ରୋଭର୍ସ କ୍ଲବକୁ ଚମ୍ପିଆନ୍ ଟ୍ରଫି ଓ ଯାଜପୁର କ୍ରିକେଟ କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଡକ୍ଟର ଭକ୍ତକବି ଦାସ, ରାଜ୍ୟ ବିଜେଡ଼ି ସମ୍ପାଦକ ଜ୍ୟୋତିରଞ୍ଜନ ଜେନା, ମହେନ୍ଦ୍ର କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଅଶ୍ୱିନୀ କୁମାର ଖଟୋଇଙ୍କୁ ଓ ବିଭୂତି ଭୂଷଣ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏସନ ଅନୁବନ୍ଧିତ ଅମ୍ପାୟାର ପ୍ଲାବନ କୁମାର ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଆଜିର ଖେଳ ପରିଚାଳନା କରିଥିଲେ।



# ସୁଶ୍ରୀଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ମା ପଞ୍ଚୁବରାହୀ ଚାମ୍ପିଅନ୍




ରାଜକନିକା, ୧୮।୨(ସମିସ): ରାଜକନିକା ବ୍ଲକ ଜୟନଗର ପଞ୍ଚାୟତର ଚାଚିରିସାହି ଖେଳ ପଡ଼ିଆରେ ଆୟୋଜିତ ସୁଶ୍ରୀଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଉଦଯାପନୀ ମ୍ୟାଚ୍‌କୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନେ ତରକା ନେହା ନାଗେଶ୍ୱରୀ ଓ ସ୍ଥାନୀୟ କେତେକ ନେତୃମଣ୍ଡଳୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫ୍ରେଣ୍ଡ ୟୁଥ୍ କ୍ଲବ ଚାଚିରିସାହି ଆୟୋଜିତ ଏହି ଅନ୍ତିମ ମ୍ୟାଚରେ ଏନ୍‌ଏନ୍‌ସି ଗଞ୍ଜା ସହିତ ମା’ ପଞ୍ଚୁବରାହି ଟିମ ବାଂଶରିଆ ପାଟଣାର ଚିତ୍ତାକର୍ଷକ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଏନ ଏନ ସି ଟିମ ଗଞ୍ଜା ୨୦ଓଭରରେ ସମସ୍ତ ଉଇକେଟ ହରାଇ ୨୪୩ ରନ କରିଥିବା ବେଳେ ୨ଉଇକେଟ ହରାଇ ମା’ ପଞ୍ଚୁବରାହି ଟିମ ୧୭ଓଭରରେ ୨୪୮ ରନ କରି ବିଜୟୀ ହୋଇ ଏ ବର୍ଷର ଚାମ୍ପିଅନ୍ ଟାଇଟଲ୍ ହାସଲ କରିଥିଲା। ମନ୍ତ୍ରୀ ଶ୍ରୀଯୁକ୍ତ ଦେବ ବିଜୟୀ ଓ ପରାଜିତ ଟିମକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିବା ସହ ଖେଳାଳି ମାନଙ୍କ ଉଦେଶ୍ୟରେ ଅଭିଭାଷଣ ରଖିଥିଲେ। ଏହି ମ୍ୟାଚ ପରିଚାଳନାରେ ସୋମନାଥ, ମାନୁ, ସତ୍ୟବ୍ରତ, ଲିପକ, ସୁମନ, ନିଲୁ, ରଶ୍ମି, ରାକେଶ, ସୁବ୍ରତ, ସରୋଜ, ଅନିଲ, ସିଦ୍ଧେଶ୍ୱର ପ୍ରମୁଖ ସହାୟତା ପ୍ରଦାନ କରିଥିବାବେଳେ ସଭାପତି ସର୍ବେଶ୍ୱର ପ୍ରଧାନ ଓ ସମ୍ପାଦକ ସୁମନ୍ତ ନାୟକ ଏହି ଉତ୍ସବକୁ ପରିଚାଳନା କରିଥିଲେ।

# ପ୍ରଦୂଷଣ ରୋକିବାକୁ ବୃକ୍ଷରୋପଣ ପରାମର୍ଶ

ଗରଦପୁର, ୧୮।୨(ସମିସ): ପରିବେଶ ପ୍ରଦୂଷଣ ରୋକିବା ଏବେକାର ପିଢ଼ି ପାଇଁ ଏକ ବଡ ଆହ୍ୱାନ। ପ୍ରଦୂଷଣ ରୋକିବାକୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଏକ ଆଲୋଚନାଚକ୍ରରେ ପରାମର୍ଶ ଦିଆଯାଇଛି। ଗରଦପୁର ବ୍ଲକ ପାଟସୁରା ଗ୍ରାମସ୍ଥିତ ଦାରୁବ୍ରହ୍ମ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ କାନୁନ୍‌ଗୋ ଶଶୀଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ପରିବେଶବିତ୍ ଦ୍ୱାରିକାନାଥ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଷର ସୁରକ୍ଷା ଏବଂ ପ୍ରଦୂଷଣ ରୋକିବା ପାଇଁ ବୃକ୍ଷ ରୋପଣ ବର୍ତ୍ତମାନ ସମୟରେ ନିତ୍ୟାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା କବି ଦୁର୍ଯ୍ୟୋଧନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଦିକନ୍ଦ ଲେଙ୍କା, ରଙ୍ଗନାଥ ମିଶ୍ର, ଲଳିତ କୁମାର ଜେନା ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ। ପ୍ରକୃତିପ୍ରେମୀ ଶିକ୍ଷକ ବିମଳ ପ୍ରସାଦ ଜେନା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରାଣକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ଦୀପ୍ତିମୟୀ ନାୟକ, ଅଧ୍ୟାପିକା କବିତା ବେହେରା, ଯୁଗଳ କିଶୋର ଜେନା, ବିଚିତ୍ର ନନ୍ଦ ଜେନା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପରିଶେଷରେ ବୃକ୍ଷ ରୋପଣ କରାଯାଇଥିଲା।

# ଗାଁ ସାଥି(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମାବେଶ



କେନ୍ଦ୍ରାପଡ଼ା, ୧୮।୨(ସମିସ): ଗାଁ ସାଥି(ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ବିଶାଳ ସମାବେଶ ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଅନିଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧିନରେ କାର୍ଯ୍ୟରତ ଗାଁସାଥୀ(ମେଟ୍)ମାନଙ୍କ ଦାବି ପୂରଣ ନିମନ୍ତେ ସଂଘର ସମସ୍ତ ସଦସ୍ୟ/ସଦସ୍ୟାମାନେ ଏକମନ ହୋଇ ଲଢେଇ କରିବାକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସଂଘର ୩ଦଫା ଦାବି ଗ୍ରାମୀଣ ସ୍ତରରେ ସରକାରୀ ଭାବରେ ହେଉଥିବା ବିଭିନ୍ନ ଯୋଜନାରେ ଗାଁସାଥୀଙ୍କୁ କାର୍ଯ୍ୟ ପ୍ରଦାନ ସହିତ ମାସିକ ପ୍ରୋତ୍ସାହନ ରାଶି ୧୦ହଜାରରୁ ଊର୍ଦ୍ଧ୍ୱ କରାଯିବା, ବେନିୟମ ଆଧାରରେ ହୋଇଥିବା ଏନଏମଏମଏସ ପଞ୍ଜିକରଣ ଗୁଡିକ ସାରା ରାଜ୍ୟରେ ବନ୍ଦ କରାଯିବା, ନିୟମ ଆଧାରରେ ଥିବା ସମସ୍ତ ଗାଁ ସାଥୀଙ୍କୁ ସଠିକ ଭାବରେ ଚିହ୍ନଟ କରାଯାଇ ସେମାନଙ୍କୁ ଏନଏମଏମଏସ ପଞ୍ଜିକରଣ ପ୍ରଦାନ ପୂର୍ବକ ଉଚିତ ପ୍ରାପ୍ୟ ଦିଆଯିବା, ସମସ୍ତ ଗାଁ ସାଥୀମାନଙ୍କୁ ମନରେଗା କଣ୍ଟିଜେନ୍ସି ପାଣ୍ଠିରୁ ଗୋଟିଏ ଗୋଟିଏ ସ୍ମାର୍ଟ ଫୋନ ପ୍ରଦାନ ସହ ରିଚାର୍ଜ ବାବଦ ଅର୍ଥ ପ୍ରଦାନ କରାଯିବା, ସେମାନଙ୍କୁ ଗୋଲାପି ରଙ୍ଗର ଡ୍ରେସ କୋଡ ଓ ଟୋପି ପ୍ରଦାନ କରାଯିବା ଆଦି ଦାବି ଯଥାଶୀଘ୍ର ପୂରଣ କରିବାକୁ ଦାବି କରିଥିଲେ। ନଚେତ ସଙ୍ଘ ପକ୍ଷରୁ ସାରା ରାଜ୍ୟରେ ୬୦ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ ଏହାର ପ୍ରତିବାଦରେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ସମାବେଶରେ ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ହରେକୃଷ୍ଣ ମହାପାତ୍ର, ପ୍ରଶାନ୍ତ କୁମାର ଦାସ, ଭାନୁମତୀ ଦାସ, ଜ୍ୟୋସ୍ନାରାଣୀ ବେହେରା, ଉପେନ୍ଦ୍ର ସାହୁ, ସୁରେଶ ସାମଲ, ଭଞ୍ଜ କୁମାର ଜେନା, ବରଦାକାନ୍ତ ପାତ୍ର, ପୁରୁଷୋତ୍ତମ ଆର୍ଯ୍ୟ, ବିକାଶ ନାୟକ, ପ୍ରକାଶ ମଳିକ ପ୍ରମୁଖ ମଞ୍ଚାସୀନ ଥାଇ ସଙ୍ଘର ଦାବି ଅବିଳମ୍ବେ ପୂରଣ ନହେଲେ ରାଜାରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଥିଲେ।

# ମା’ ବୁଢ଼ୀ କନକେଇ କ୍ଲବର ବାର୍ଷିକ ଉତ୍ସବ




ରାଜକନିକା, ୧୮।୨(ସମିସ): ରାଜକନିକା ବ୍ଲକ କାଟଣାବଣିଆଁ ପଞ୍ଚାୟତ ମଦରଙ୍ଗାପାଟ ଗାଁରେ ପ୍ରତିଷ୍ଠିତ ମା’ ବୁଢ଼ୀ କନକେଇ କ୍ଲବର ୩୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ପଞ୍ଚମୀ ଠାରୁ ଆରମ୍ଭ ହୋଇ ଅଷ୍ଟମୀ ଯାଏ ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ସ୍ୱତନ୍ତ୍ରତା ରଖିଥିବା ଉତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ରଘୁନାଥ ରାଉତ, ମୁଖ୍ୟବକ୍ତା ସାମ୍ବାଦିକ ସୁକାନ୍ତ ଦାଶ, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନରେନ୍ଦ୍ର ରାଉତ, ଯଶୋବନ୍ତ ପଲାଇ ପ୍ରମୁଖ ସାମାଜିକ ଚେତନାରେ ଉଦବୁଦ୍ଧ ରହିଥିବା କ୍ଲବର ପ୍ରଶଂସା କରିଥିଲେ। ଗ୍ରାମର ମୁରବୀ ଶତ୍ରୁଘ୍ନ ସୁତାରଙ୍କ ସଭାପତିତ୍ୱରେ ଏବଂ ସତ୍ୟବ୍ରତ ଦାସଙ୍କ ସଂଯୋଜନାରେ କ୍ଲବର ସଭାପତି ପ୍ରମୋଦ ସୁତାର, ସମ୍ପାଦକ ଧିରେନ ଅଞ୍ଚଳ, ସୁନୀଲ ସୁତାର ଓ ଅନ୍ୟସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ୩ ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୧୮।୨(ସମିସ):



ପଟ୍ଟାମୁଣ୍ଡାଇ ବ୍ଲକର ଶାସନ, ଖଣତା ଓ ବଲୁରିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ମିଳିଥିବା ୫୦ଲକ୍ଷ ଲେଖାଏଁ ଟଙ୍କାରେ ବହୁ ଉନ୍ନୟନମୂଳକ କାମ ହେଉଛି। ଯାହା ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ।

ଏହି ଯୋଜନାରେ ଶାସନ ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ସରପଞ୍ଚ ସଂଗ୍ରାମ ବାରିକଙ୍କ ପୌରୋହିତ୍ୟ ଓ ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ‘ଆମ ଓଡ଼ିଶା ନବୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ’ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଏହି ଯୋଜନାରେ ମଞ୍ଜୁର ଅର୍ଥ ବିନିଯୋଗ କରି ଶାସନ ପଞ୍ଚାୟତକୁ ଏକ ସମୃଦ୍ଧ ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ବିକାଶର ପରିଭାଷା ବଦଳିଛି ବୋଲି କହିଥିଲେ। ସଭାରେ ଅଶୋକ ପରିଡ଼ା, ସମୀର ମଲିକ, କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ, ପିଇଓ ମାଧବ ଚନ୍ଦ୍ର ଦଳାଇ, ଜିଆର୍‌ଏସ୍ ଅର୍ଚ୍ଚନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଖଣତା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସରପଞ୍ଚ ଅନିଲ ଲେଙ୍କାଙ୍କ ପୌରୋହିତ୍ୟ ଓ ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ସିଂହ, ସମିତିସଭ୍ୟ ସୁରେଶ ଜେନା, ସମାଜସେବୀ ସର୍ବେଶ୍ୱର ମହାନ୍ତି, ଯୁବନେତା ବାସୁଦେବ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଶ୍ରବଣ ବିଶ୍ୱାଳ, ପିଇଓ ତପନ ପ୍ରଧାନ, ଜିଆର୍‌ଏସ କୈଳାଶ ବାରିକ ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ନଳିନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ବଲୁରିଆ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ କୁଳମଣି ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏପରି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଭାରେ ଶିକ୍ଷାବିତ ଭଗବାନ ରାଉତ, ସମାଜସେବୀ ରଞ୍ଜିତ ରାଉତ, କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ଦାସ, ପିଇଓ ଅନନ୍ତ ବିଶ୍ୱାଳ ଦାସ, ଜିଆର୍‌ଏସ ସ୍ମୃତି ରଞ୍ଜନ ମଲିକ ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ପିଇଓ ଅନନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ମା’ ବାଗ୍‌ଦେବୀଙ୍କ ବାର୍ଷିକ ଉତ୍ସବ

ରାଜନଗର, ୧୮।୨(ସମିସ): ରାଜନଗର ବ୍ଲକ ହାତିନା ପଞ୍ଚାୟତ ମୁଗକଣିଠାରେ ମା’ ବାଗ୍‌ଦେବୀ ଆଇଡିଆଲ ପୂଜା କମିଟି ଦ୍ୱାରା ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ସମାଜସେବୀ ଶୁଭଙ୍କର ନାୟକ, ବ୍ରହ୍ମାବଧୂତ ସାଧୁ ସୁବ୍ରତ ବାବା, ମାଧବାନନ୍ଦ ଗିରି ମହାରାଜା, ଶିକ୍ଷାବିତ ଅନାଦି ଚରଣ ଜେନା, ମହେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଭାବାନ ବ୍ୟକ୍ତି ଅନଙ୍ଗ କୁମାର ଜେନା, ଅର୍ଜ୍ଜୁନ କୁମାର ଜେନା, ମେଜର ଦୀପିକା ଲେଙ୍କା, ସରକାରୀ ଓକିଲ ବିପ୍ଳବ କୁମାର ମୁଦୁଲି, ସୀତାଞ୍ଜଳୀ ମହାନ୍ତି, ଜ୍ୟୋତିରାମ ବଳ, ସଞ୍ଜୟ ସେଠୀ, ଛାତ୍ରୀ ସଙ୍ଗୀତା ଜେନା, ଦେବେନ୍ଦ୍ର ଜେନା, ନରହରି ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



## ବୃଦ୍ଧଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାସ୍

# ମୁଖ୍ୟ ଅଭିଯୁକ୍ତ ସମେତ ୨ କୋର୍ଟ ଚାଲାଣ

କାମାକ୍ଷାନଗର, ୧୮ ।୨(ସମିସ)



ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ଥାନା ମରୁଆବିଲି ପଞ୍ଚାୟତ କଣ୍ଡାର ଗ୍ରାମରେ ଜଣେ ବୃଦ୍ଧଙ୍କୁ ଗଳାକାଟି ନିର୍ମମ ଭାବେ ହତ୍ୟା କରାଯିବା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏସଡିପିଓ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ସୂଚନା ପ୍ରଦାନ କରିଛନ୍ତି।

କଣ୍ଡାର ଗ୍ରାମର ଧର୍ମାନନ୍ଦ ଦେହୁରୀ ଗତ ୧୬ତାରିଖ ଦିନ ଘରୁ ଆସିଥିବା ବେଳେ ଆଉ ଘରକୁ ଫେରି ନଥିଲେ। ବିଳମ୍ବିତ ରାତିଯାଏ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ୧୭ତାରିଖ ସକାଳୁ ଘରଠାରୁ କିଛି ଦୂରରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ଘଟଣାରୁ ଧର୍ମାନନ୍ଦଙ୍କୁ ଅନ୍ୟ ଏକ ସ୍ଥାନରେ ହତ୍ୟା କରାଯାଇ ପରବର୍ତ୍ତି ସମୟରେ ସେଠାରୁ ଘୋଷାଡ଼ି ଘୋଷାଡ଼ି ଅନ୍ୟ ଏକ ସ୍ଥାନରେ ଫିଙ୍ଗି ଦିଆଯାଇଥିଲା। ସୂଚନା ଅନୁସାରେ କିଛିବର୍ଷ ପୂର୍ବେ ଧର୍ମାନନ୍ଦଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଥିଲା। ଜୀବନ ବଞ୍ଚାଇ ସେ ସମୟରେ ଘରକୁ ପଳାଇ ଆସିଥିଲେ। କିନ୍ତୁ ୧୬ ତାରିଖ ଦିନ ବିଳମ୍ବିତ ରାତିରେ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ପୁଲିସ ତଦନ୍ତ ପରେ ବୃଦ୍ଧଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ପୁଲିସ ଅଭିଯୁକ୍ତ ଶ୍ରୀଧର ଦେହୁରୀକୁ ଅଟକ ରଖି ପଚରାଉଚରା କରିବାପରେ ଘଟଣାର ସତ୍ୟତା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କ ବୟାନ ଅନୁସାରେ ପୂର୍ବଶତ୍ରୁତା ସାଙ୍ଗକୁ ଗୁଣି ଗାରେଡ଼ି ଓ ପରିବାର ମହିଳାଙ୍କ ଉପରେ ଖରାପ ନଜରକୁ ନେଇ କ୍ରୋଧରେ ଟାଙ୍ଗିଆରେ ହାଣି ହତ୍ୟାକରିବା ସହ ଧରାପଡ଼ିବା ଭୟରେ ଘୋଷାଡ଼ି ଘୋଷାଡ଼ି କିଛି ଦୂରରେ ଫିଙ୍ଗି ଦେଇଥିଲା। ଧର୍ମାନନ୍ଦ ଦେହୁରୀ ମହିଳାଙ୍କୁ ଅଶାଳୀନ ବ୍ୟବହାର ଦେଖାଇବାରୁ ରାଗରେ ଶ୍ରୀଧର ଦେହୁରୀ ଏକ ଟାଙ୍ଗିଆରେ ଚୋଟ ପରେ ଚୋଟ ପକାଇ ତାକୁ ହତ୍ୟା କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ତାଙ୍କ ବଡ଼ଭାଇ ଲକ୍ଷ୍ମୀଧର ଦେହୁରୀଙ୍କ ସହିତ ଘରଠାରୁ ୧ଶହ ମିଟର ଦୂର ଜଙ୍ଗଲ ଭିତରକୁ ନେଇ ପକାଇ ଦେଇଥିଲେ। ଆଜି ଉଭୟ ଶ୍ରୀଧର ଓ ଲକ୍ଷ୍ମୀଧରକୁ କୋର୍ଟ ଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିନଳୀରେ କାମାକ୍ଷାନଗର ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀଙ୍କ ପ୍ରେସମିଟ ଜରିଆରେ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ ମୁଖ୍ୟ ଅଭିଯୁକ୍ତ ସହିତ ୨ କୋର୍ଟ ଚାଲାଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଙ୍କଡାହାଡ଼ ଥାନା ଅଧିକାରୀଣୀ କଳ୍ପନା ବେହେରା, କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରା ଉପସ୍ଥିତ ଥିଲେ।

## ● ଯାତ୍ରୀବାହୀ ବସ୍‌କୁ ଧକ୍କାଦେଲା ଡମ୍ପର

# ଅଳ୍ପକେ ବର୍ତ୍ତିଲେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ



**କାମାକ୍ଷାନଗର, ୧୮ ।୨ (ସମିସ):** ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟିଆସ୍ଥିତ ଢେଙ୍କାନାଳ-କାମାକ୍ଷାନଗର ବ୍ରାହ୍ମଣୀ ବ୍ରିଜରେ ଏକ ଯାତ୍ରୀବାହୀ ବସକୁ ଡମ୍ପର ଧକ୍କାଦେବାରୁ ଏଥିରେ ଯାତ୍ରା କରୁଥିବା ୫୦ରୁ ଅଧିକ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ତୁମୁସିଙ୍ଗା ଥାନା କମଗରା ନିକଟସ୍ଥ କାମାକ୍ଷନଗର-ଢେଙ୍କାନାଳକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ବ୍ରିଜ ଉପରେ ଦ୍ରୁତଗତିରେ ଯାଉଥିବା ଗୋପୀନାଥ ନାମକ ଯାତ୍ରୀବାହୀ ବସ୍‌କୁ ଏକ ଡମ୍ପର ଧକ୍କା ଦେଇଛି। ଏହି ବସରେ ଯାତ୍ରା କରୁଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏକ ବଡ଼ ଧରଣର ବିପଦରୁ ରକ୍ଷା ପାଇଯାଇଛନ୍ତି। ଏହି ଯାତ୍ରୀଙ୍କ ମଧ୍ୟରୁ ୨ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଅଛନ୍ତି। ଗୋପିନାଥ ନାମକ ଯାତ୍ରୀବାହୀ ବସଟି ଯାଜପୁର ଜିଲ୍ଲା ଟାଟା ମାଇନ୍ସ ଅଞ୍ଚଳରୁ ଯାତ୍ରୀମାନଙ୍କୁ ନେଇ ଭୁବନେଶ୍ୱର ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ବ୍ରାହ୍ମଣୀ ନଦୀ ବିଜ ଉପରେ ହଠାତ୍ ଡମ୍ପରର ଷ୍ଟିଅରିଂ ଛିଣ୍ଡି ଯିବା ଫଳରେ ଡମ୍ପରଟି ବସକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିବା ଜଣାପଡ଼ିଛି। ଖବରପାଇ ଘଟଣାସ୍ଥଳରେ ତୁମୁସିଙ୍ଗା ପୁଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଅନ୍ୟ ଗାଡ଼ିରେ ଛାଡ଼ିଥିବା ସୂଚନା ରହିଛି।

## ● ମକା ବାଡ଼ିରେ ଟଣାଯାଇଥିଲା ତାର

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବ୍ୟବସାୟୀ ମୃତ

**ଢେଙ୍କାନାଳ, ୧୮।୨ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ଗଦାଶିଳାର ବ୍ୟବସାୟୀ ମକା ବାଡ଼ିରେ ଟଣାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୋଲାର ତାର ବାଡ଼ରେ କିପରି ବିଦ୍ୟୁତ ସଂଯୋଗ ହେଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ରାସୋଳ ଥାନା ଗଞ୍ଜରା ଗ୍ରାମର ଗୌତମ ନାୟକ(୫୫) ଗତ କିଛିବର୍ଷ ହେବ ଗଦାଶିଳାରେ ବିଦ୍ୟୁତ୍ ସରଞ୍ଜାମ ବିକ୍ରି କରୁଥିଲେ। ଗଦାଶିଳା ଘର ନିକଟରେ ଏକ ବାଡ଼ିରେ ମକା ଚାଷ କରିଥିବା ବେଳେ ଚୋରି ଏବଂ ଗୋରୁଗାଈଙ୍କ ଉପଦ୍ରବରୁ ସୁରକ୍ଷା ପାଇଁ ବାଡ଼ି ଚାରିପାଖରେ ସୋଲାର ତାର ଟାଣିଥିଲେ। ରବିବାର ସେ ମକାବାଡ଼ିକୁ ଯାଇଥିବା ବେଳେ ସୋଲାର ତାର ବିଦ୍ୟୁତ ସଂସ୍ପର୍ଶରେ ଆସିଥିବାରୁ ତାହା ଚାର୍ଜ ହୋଇଯାଇଥିଲା। ଗୌତମ ଏହକୁ ଛୁଇଁବା ମାତ୍ରେ ମକା ବାଡ଼ିରେ ଟଳିପଡ଼ିଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ବାଡ଼ିକୁ ଯାଇ ତାଙ୍କୁ ପାଇନଥିଲେ। ମୋବାଇଲରେ ଫୋନ କରିବାରୁ ମକା ବାଡ଼ି ଭିତରୁ ମୋବାଇଲ ଶବ୍ଦ ଶୁଣି ତାଙ୍କୁ ସେଠାରୁ ଗୁରୁତର ଭାବରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଦୋକାନ ବଜାର ବନ୍ଦ ରହିଥିଲା। ତାଙ୍କ ମରଶରୀରକୁ ଏକ ଶୋଭଯାତ୍ରାରେ ଗଦାଶିଳା ଏବଂ ସାଇଁବିରି ବଜାର ପରିକ୍ରମା କରାଯାଇଥିଲା। ପରେ ତାଙ୍କ ମରଶରୀରକୁ ନିଜ ଗ୍ରାମକୁ ନିଆଯାଇ ସେଠାରେ ଦାହ କରାଯାଇଥିଲା। ଜଣେ ବ୍ୟବସାୟୀ ଭାବରେ ତାଙ୍କର ବହୁତ ଲୋକପ୍ରିୟତା ରହିଥିବାରୁ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୨୧ରୁ ଜାତୀୟ ଭାଷା ସମାବେଶ



**ଢେଙ୍କାନାଳ, ୧୮।୨ (ସମିସ):** ବିଶ୍ୱବିଖ୍ୟାତ ଭାଷାବିଜ୍ଞାନୀ, ଶିକ୍ଷାବିତ୍, ସୁସାହିତ୍ୟିକ ସ୍ୱର୍ଗତ ପ୍ରାଧ୍ୟାପକ ଗୋଲୋକ ବିହାରୀ ଧଳଙ୍କ ସ୍ମୃତିରେ ଏକ ଜାତୀୟ ଭାଷା ସମାବେଶ ଆସନ୍ତା ୨୧ ଫେବ୍ରୁଆରୀ (ଅନ୍ତର୍ଜାତୀୟ ମାତୃଭାଷା ଦିବସ)ରେ ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଭାଷାବିତ୍, ବିଶ୍ୱବିଦ୍ୟାଳୟ ଗବେଷକ, ପ୍ରାଧ୍ୟାପକ, ଭାଷା ଅଧିକାର କର୍ମୀ, ଛାତ୍ରଛାତ୍ରୀ ତଥା ଭାଷାପ୍ରେମୀଙ୍କ ସମାବେଶ ହୋଇ ମାତୃଭାଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ଭାଷା ସମ୍ପର୍କିତ କବିତା ପାଠ ଆସର ଭାଷା ସ୍ରୋତସ୍ୱିନୀ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଏହି କାର୍ଯ୍ୟହେବ ବୋଲି ଆୟୋଜକ ବିଶ୍ୱ ଓଡ଼ିଶା ଓ ଗୋଲୋକ ବିହାରୀ ଧଳ ସ୍ମୃତି ପରିଷଦ ପକ୍ଷରୁ ଏକ ମିଳିତ ସମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ମାତୃଭାଷା ପାଇଁ ସମର୍ପିତ ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମ ସକାଳ ୮ଟାରେ ବାଜି ଚୌକଛକ ଠାରୁ ଭାଷାପ୍ରେମୀଙ୍କୁ ନେଇ ଏକ ଭାଷା ପଦଯାତ୍ରାରୁ ଆରମ୍ଭ ହେବା ସହିତ

## ଗୋଲୋକ ବିହାରୀ ଧଳଙ୍କ ସ୍ମୃତିରେ ଅନୁଷ୍ଠିତ ହେବ

ସକାଳ ୧୦.୩୦ ଉଦ୍‌ଘାଟନୀ ଅଧିବେଶନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ, ବ୍ୟକ୍ତିତ୍ୱ ବିକାଶରେ ମାତୃଭାଷା, ମାତୃଭାଷା ଓ ସାର୍ବଜନୀନ ଶିକ୍ଷା ଉପରେ ଆଲୋଚନା ହେବ। ସେହିପରି ମଧ୍ୟାହ୍ନରେ ବୈଷୟିକ ଅଧିବେଶନରେ ପ୍ର. ଗୋଲୋକ ବିହାରୀ ଧଳଙ୍କ ଜୀବନୀ ଓ ସୃଜନୀ, ଜୀବନରେ ଭାଷା, ଜୀବିକା ପାଇଁ ଭାଷା, ଶାସନ ପ୍ରଶାସନରେ ମାତୃଭାଷା ସମ୍ପର୍କରେ ଆଲୋଚନା ରହିବ। ଅପରାହ୍ନରେ ଭାବ ବିନିମୟ କ୍ରମରେ ବିଛିନ୍ନ ଓଡ଼ିଶାରେ ମାତୃଭାଷାର ସ୍ଥିତି ସମ୍ପର୍କରେ ବିଚ୍ଛିନ୍ନ ଓଡ଼ିଶାର ଭାଷା ସଂଗ୍ରାମୀମାନେ ମତ ରଖିବା ସହିତ ଛାତ୍ରଛାତ୍ରୀଙ୍କ ବକ୍ତବ୍ୟ ରହିବ। ଏହି ଅବସରରେ କବିତା ଆସର 'ଭାଷା ସ୍ରୋତସ୍ୱିନୀ' ଏବଂ ସାଧାରଣ ଅଧିବେଶନରେ ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିବ ବୋଲି ଆୟୋଜକମାନେ ଜଣାଇଛନ୍ତି। ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଆବାହକତ୍ୱ ଓ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଉପାଧ୍ୟକ୍ଷ ଅପର୍ତ୍ତି ନାୟକ, ମୁଖ୍ୟ ସଂଯୋଜକ ରତନ ନାୟାର, ସଂଯୋଜିକା ପ୍ରଭାତୀ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ବିଶ୍ୱ ବିଖ୍ୟାତ ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳଙ୍କୁ ରାଜ୍ୟ ସରକାର ଯଥାଯଥ ସମ୍ମାନ ଦେବାରେ ଅବହେଳା କରିଛନ୍ତି ବୋଲି ଆୟୋଜକ ମାନେ କ୍ଷୋଭ ପ୍ରକାଶ କରିବା ସହିତ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କର ଜୟନ୍ତୀ ପାଳନ କରିବା, ବିଶ୍ୱବିଦ୍ୟାଳୟରେ ସ୍ମାରକୀ ପ୍ରତିଷ୍ଠା କରିବା, ପାଠ୍ୟକ୍ରମରେ ଭାଷା ବିଜ୍ଞାନ ସମ୍ପର୍କିତ ବିଷୟ ରଖିବା ଆଦି ଦାବି କରିଥିଲେ। ପ୍ର. ଗୋଲୋକ ବିହାରୀ ଧଳ ସ୍ମୃତି ସଂସଦ, ଢେଙ୍କାନାଳ ଏବଂ ବିଶ୍ୱ ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ସମ୍ପାଦକ ମନୋଜ କୁମାର ସାହୁ 'ମନ୍ମୟ' ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

# ୪୦ ଲିଟର ଦେଶୀମଦ ଜବତ, ଜଣେ ଗିରଫ

**ବ୍ୟାସନଗର, ୧୮ ।୨ (ସମିସ):** ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଖପୁରିଆପଦା ଛକରେ ଚଢ଼ଉ କରାଯାଇ ଗୋଟିଏ ବାଇକ୍ ସହିତ ୪୦ ଲିଟର ଦେଶୀମଦ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତକୁ ରବିବାର ଯାଜପୁରରୋଡ କୋର୍ଟକୁ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରିଣୀ ବିଜୟଲକ୍ଷ୍ମୀ ଦାସ ରବିବାର ଦିନ ୧୧ ଘଟିକା ସମୟରେ ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଖପୁରିଆପଦା ଛକରେ ଲୁଚି ରହିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ବାଇକ୍‌ରେ ଦେଶୀମଦ ବିକିବାକୁ ନେଇଆସୁଥିବା ଦେଖି ଗିରଫ କରିନେଇଥିଲେ। ଏହି ଗିରଫ ବ୍ୟକ୍ତି ଖପୁରିଆପଦା ଅଞ୍ଚଳର ରମେଶ ମଲ୍ଲିକ ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା, ଏସଆଇ କ୍ଷୀରୋଦ ସାହୁ, ଶୁଭସ୍ମିତା ପ୍ରଧାନ ଓ କର୍ମଚାରୀ ସାମିଲ ଥିଲେ।

# ନଗର ବିଜେଡି ସଭାପତିଙ୍କ ବିୟୋଗରେ ଶୋକ



**ଢେଙ୍କନାଳ, ୧୮।୨ (ସମିସ):** ଢେଙ୍କାନାଳ ବିଜୁ ଜନତା ଦଳର ନଗର ସଭାପତି ତଥା ଢେଙ୍କାନାଳ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଇନ୍ଦ୍ରମଣି ବେହାରଙ୍କ ୬୬ବର୍ଷ ବୟସରେ ଶୁକ୍ରବାର ମଧ୍ୟାହ୍ନରେ ତାଙ୍କ ମହାବୀର ବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଏହି ଅବସରରେ ଶନିବାର ସଂଧ୍ୟାରେ ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଦିବଙ୍ଗତ ନେତା ସ୍ୱର୍ଗତ ବେହେରାଙ୍କ ନିମନ୍ତେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ, ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ତଥା ପରଜଙ୍ଗର ବିଧାୟକ ଡ. ନୃସିଂହ ଚରଣ ସାହୁ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୁତିଆ ଯୋଗଦେଇ ସ୍ୱର୍ଗତ ଇନ୍ଦ୍ରମଣି ବେହେରାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରି ଅମର ଅତ୍ମାର ସଦଗତି କାମନା କରିଥିଲେ। ଏହି ଶୋକ ସଭାରେ ଜିଲ୍ଲା ବିଜେଡି ଉପ- ସଭାପତି ଲକ୍ଷ୍ମୀଧର ସାହୁ, ରାଜ୍ୟ ମହିଳା ଉପସଭାପତି ସାଇଶ୍ରୀ ପଟ୍ଟାନାୟକ, ଜିଲ୍ଲା ଆଇନ ସେଲ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଶଶିକାନ୍ତ ମିଶ୍ର, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ର, ଢେଙ୍କାନାଳ ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଜିଲ୍ଲା ସମ୍ପାଦକ ଗଙ୍ଗାଧର ରାଉତ, ରଞ୍ଜନ ନାୟକ, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, ସଞ୍ଜୀବ ମଲ୍ଲିକ, ରାଜୁ ପାଣ୍ଡେ, ବ୍ରହ୍ମାନନ୍ଦ ସାହୁ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ପଣ୍ଡା, ମହିଳା ନଗର ସଭାପତି ଶୁଭଲକ୍ଷ୍ମୀ ସାହୁ, ମହିଳା ସମ୍ପାଦକା ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ରହି ଇନ୍ଦ୍ରମଣି ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବେହେରାଙ୍କ ଅମର ଅତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ● କାଣି ନଦୀବନ୍ଧ ନିର୍ମାଣ ଓ କ୍ଷତିପୂରଣ ପାଇଁ ଗ୍ରାମବାସୀ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ

# ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

ବିଞ୍ଝାରପୁର, ୧୮ ।୨(ସମିସ):

ବିଞ୍ଝାରପୁର ଥାନା ଅଧୀନ ତଥା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳୋ ପଞ୍ଚାୟତର ବୋଇତାଳୁପାଟଣା ଗ୍ରାମ ସଂଲଗ୍ନ କାଣୀନଦୀ ବନ୍ଧ ନିର୍ମାଣ ସମୟରେ ଏକ ବ୍ୟକ୍ତିଗତ ଜମିର ବ୍ୟବହାର କରାଯାଇ ତାହା ଉପରେ ନଦୀବନ୍ଧ ନିର୍ମାଣ କରାଯାଇଥିଲା। ଭୂ-ଅର୍ଜନ ଅଧିକାରୀ ତଥା ଆସିଷ୍ଟାଣ୍ଟ କଲେକ୍ଟର ଜମିର ବାବଦୀୟ କ୍ଷତିପୂରଣ ପ୍ରଦାନରେ ଅବହେଳା କରିବା କାରଣରୁ ଜମିର ମାଲିକ କୁଞ୍ଜ ବିହାରୀ ସାମଲ ଓ ପ୍ରଫୁଲ୍ଲ କୁମାର ସାମଲ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁ (ସି ) ୨୨୦୬୧/ ୨୦୧୭ ନମ୍ବରର ଏକ ମୋକଦ୍ଦମା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ମାନ୍ୟବର ଉଚ୍ଚନ୍ୟାୟାଳୟ ଦେଇଥିବା ଆଦେଶକୁ ସମ୍ପୃକ୍ତ ସରକାରୀ ଅଫିସର ପାଳନ କରି ନ ଥିଲେ। ଫଳରେ ଅଦାଲତ ଅବମାନନା କେଶ ସଂଖ୍ୟା ୯୧୪୧ ଆବେଦନକାରୀଙ୍କ ପକ୍ଷରୁ ପୁନର୍ବାର ଆବେଦନ କରାଯାଇଥିଲା। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବି.ଆର. ଷଡଙ୍ଗୀ ଓ ନ୍ୟାୟମୂର୍ତ୍ତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଯାଜପୁରର ଭୂ-ଅର୍ଜନ ଅଧିକାରୀ ତଥା ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୂ-ଅର୍ଜନ ଅଧିକାରୀ କୋର୍ଟଙ୍କ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହୋଇ ନିସର୍ତ୍ତ କ୍ଷମା ପ୍ରାର୍ଥନା ସହିତ ଆଗାମୀ ସାତଦିନ ମଧ୍ୟରେ କୋର୍ଟ ନିର୍ଦ୍ଦେଶ ପାଳନ କରିବା ପାଇଁ ଏକ ସତ୍ୟପାଠ ଦାଖଲ କରିଥିଲେ। ଏହି ସତ୍ୟପାଠକୁ ଗ୍ରହଣ କରି ମାନ୍ୟବର କୋର୍ଟ ଆଗାମୀ ଏକ ସପ୍ତାହ ମଧ୍ୟରେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ ପାଇଁ ଆଦେଶ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଆଶିଷ କୁମାର ରାୟ ମୋକଦ୍ଦମା ପରିଚାଳନା କରୁଥିବାବେଳେ ବିଷ୍ଣୁପ୍ରସାଦ ରଥ ସହଯୋଗ କରିଥିଲେ।

## ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୧୧ ତମ ସଂସ୍କରଣ

# ଇତିହାସରେ ବିଜୟର ସ୍ମାରକ ଜୟଗୋପାଳ ମଠ

ଢେଙ୍କାନାଳ, ୧୮ ।୨ (ସମିସ)




ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୧୧ତମ ସଂସ୍କରଣରେ ଇତିହାସର ପୁରାତନ ମଠ ଜୟଗୋପାଳ ମଠ ପରିଦର୍ଶନରେ ଐତିହ୍ୟ ପଦଯାତ୍ରୀମାନେ ପରିଦର୍ଶନ କରିବା ସହିତ ମଠର ଇତିହାସ, ପରମ୍ପରା ଏବଂ ରୀତିନୀତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ଏକଦା ଡଳଗଡ଼ ଭାବରେ ପରିଚିତ ଢେଙ୍କାନାଳ ସହରର ଜୟଗୋପାଳ ସାହିରେ ଗଡ଼ଜାତର ଅତୀତ ଇତିହାସର ଗୌରବମୟ ଅଧ୍ୟାୟର ମୁକସାକ୍ଷୀ ଭାବରେ ଜୟଗୋପାଳ ମଠ ଦଣ୍ଡାୟମାନ ହୋଇରହିଛି। ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ଏହି ମଠରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପୂଜିତ ହେଉଛନ୍ତି। କଳା ମୁଗୁନି ପଥରରେ ନିର୍ମିତ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମା ଏବଂ ଅଷ୍ଟଧାତୁରେ ନିର୍ମିତ ଶ୍ରୀରାଧାଙ୍କ ପ୍ରତିମାର ଲାବଣ୍ୟମୟ ଗଢ଼ଣ ଅତ୍ୟନ୍ତ ଚିତ୍ତାକର୍ଷକ। ଢେଙ୍କାନାଳ ଆଧାତ୍ମିକ ଇତିହାସରେ ଏହି ଜୟଗୋପାଳ ମଠର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଢେଙ୍କାନାଳ ଗଡ଼ଜାତ ରାଜ୍ୟର ପ୍ରାୟ ସମସ୍ତ ରାଜାମାନେ ଗଭୀର ଧର୍ମବିଶ୍ୱାସୀ ତଥା ଆଧାତ୍ମ ପରାୟଣ ଥିବାରୁ ଗଡ଼ ଓ ଅନ୍ୟାନ୍ୟ ଅଞ୍ଚଳରେ ଅନେକ ମଠ, ମନ୍ଦିରମାନ ପ୍ରତିଷ୍ଠା କରି ସେବା ପୂଜା ପାଇଁ ବିପୁଳ ଭୂସମ୍ପତ୍ତି ଖଞ୍ଜି ଦେଇଥିଲେ। ସେହିପରି ଏକ ବୈଷ୍ଣବ ମଠ ହେଉଛି ଜୟଗୋପାଳ ମଠ। ଗବେଷକଙ୍କ ମତରେ ଏହି ମଠଟି ଢେଙ୍କାନାଳର ପୂର୍ବତନ ରାଜା ଦୀନବନ୍ଧୁ ମହିନ୍ଦ୍ର ବାହାଦୁର ୧୮୮୭ - ୧୮୯୫ ଙ୍କ ଶାସନ କାଳରେ ସ୍ଥାପନ କରାଯାଇଥିଲା। କୁହାଯାଏ ପଡୋଶୀ ଆଠଗଡ଼ ରାଜାଙ୍କ ସହିତ ହୋଇଥିବା ଏକ ଯୁଦ୍ଧରେ ବିଜୟ ଲାଭ କଲାପରେ ତତ୍କାଳୀନ ରାଜା ତାକୁ ସ୍ମରଣୀୟ କରିବା ପାଇଁ ଏହି ମଠଟି ସ୍ଥାପନ କରି ତା'ର ନାମ ଜୟଗୋପାଳ ମଠ ରଖିଥିଲେ। ଦୈନନ୍ଦିନ ନୀତି ଓ ପୂଜା ପାର୍ବଣ ପାଇଁ ସାନ ଷାଠିଏ ବାଟିଆରେ ୭୫ଏକର ଓ ଲୋଚାପଲ୍ଲୀ ଗ୍ରାମରେ ଶତାଧିକ ଏକର ଭୂସମ୍ପତ୍ତି ରାଜା ଖଞ୍ଜି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ମଠର ମୁଖ୍ୟ ପୂଜକ ସନ୍ତୋଷ କୁମାର ଦେବତା ଐତିହ୍ୟ ପଦଯାତ୍ରୀଙ୍କୁ ସ୍ୱାଗତ କରିବା ସହିତ ମଠର ଇତିହାସ, ପରମ୍ପରା ଏବଂ ରୀତିନୀତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଶିକ୍ଷାବିତ୍ ଡ.ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ପତ୍ରକାର ପ୍ରସନ୍ନ କୁମାର ପଟ୍ଟନାୟକ, କଟକ ହେରିଟେଜ୍ ୱାକ୍ ର ଆବାହକ ତଥା ଆକାଶବାଣୀ କଟକର ଅବସରପ୍ରାପ୍ତ ନିର୍ଦ୍ଦେଶକ ଦୀପକ ସାମନ୍ତରାୟ, ଜୀତେନ୍ଦ୍ରୀୟ ସିଂ, ଦୀପା ସାମନ୍ତରାୟ, ବିପିନ ବିହାରୀ ପାଣି, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ବଦ୍ରିନାଥ ଜେନା, ସ୍ୱର୍ଣ୍ଣପ୍ରଭା ସେଠୀ, ସୁନୀତା ମହାପାତ୍ର, ଅଧ୍ୟାପକ ଶାନ୍ତନୁ ନାୟକ, ରମେଶ ଚନ୍ଦ୍ର ପତି, ଆଦିତ୍ୟ ମିଶ୍ର, ବିଷ୍ଣୁପ୍ରିୟା ମହାଲିକ, ବିକାଶ ପ୍ରଧାନ, ବିଶ୍ୱଜିତ ଶତପଥୀ, ଡ.ମଳୟ ରଞ୍ଜନ ପତି, ଅକ୍ଷୟ କୁମାର ସେନାପତି ତଥା ଢେଙ୍କାନାଳ ମହାବିଦ୍ୟାଳୟର ଅନେକ ଐତିହ୍ୟପ୍ରେମୀ ଛାତ୍ରଛାତ୍ରୀ ଆଜିର ଏହି ଐତିହ୍ୟ ପଦଯାତ୍ରାରେ ଯୋଗ ଦେଇଥିଲେ।

# ଭୂତକୋଠି ପାଲଟିଛି ଗାଡ଼ିଚାଳନା ଓ ନିରୀକ୍ଷଣ କେନ୍ଦ୍ର

ଜଗତସିଂହପୁର, ୧୮।୨(ସମିସ)



ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ଏକମାତ୍ର ଗାଡିଚାଳନା ଓ ଯାନ ନିୟନ୍ତ୍ରଣ କେନ୍ଦ୍ର ଦୀର୍ଘ ୪ ବର୍ଷର୍ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଦେଢ କୋଟି ଟଙ୍କା ବ୍ୟୟରେ ନିର୍ମୀତ ଏହି କେନ୍ଦ୍ର ନିର୍ମାଣ ହେବା ପରଠୁ ଥରେ ହେଲେ କାମରେ ଲାଗିନାହିଁ। ଏହା ମଧ୍ୟରେ ଥିବା ଏକମାତ୍ର ନଳକୂପ ଓ ଷ୍ଟ୍ରିଟ ଲାଇଟ୍

- ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା
- ଅସମ୍ପୂର୍ଣ୍ଣ କାମ; ଆର୍‌ଡିଠାରୁ ଗ୍ରହଣ କରୁନି ପରିବହନ ବିଭାଗ

ଚୋରି ହୋଇଥିବା ବେଳେ କେନ୍ଦ୍ରକୁ ନିର୍ମିତ ନିମ୍ନମାନର ପିଚୁ ରାସ୍ତା ମଧ୍ୟ ଫାଟି ଆଁ କରିଛି। ତେବେ ଘର ମଧ୍ୟରେ ଥିବା ଫ୍ୟାନ, ଲାଇଟ, କବାଟ ଝରକା ସହିତ ଅନ୍ୟାନ୍ୟ ସାମଗ୍ରୀ ସୁରକ୍ଷିତ ଅବସ୍ଥାରେ ଅଛି କି ନାହିଁ କହି ହେଉନି। ଗତ ୪ବର୍ଷ ହେବ ଏମିତି ପରିତ୍ୟକ୍ତ ଅବସ୍ଥାରେ ଏହା ପଡ଼ିରହିଥିଲେ ମଧ୍ୟ ଏ ବାବଦରେ କେହି ମୁହଁ ଖୋଲୁନାହାନ୍ତି। ସଞ୍ଜ ନଇଁଲେ ନିଶାସକ୍ତ ପାଟେରି ଡେଇଁ ସେଠାରେ ଆଡ୍ଡା ଜମାଉଛନ୍ତି। ଆହୁରି କାମ ବାକି ଥିବାରୁ ଏହାକୁ ନିର୍ମାଣ କରିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗଠାରୁ ଆଞ୍ଚଳିକ ପରିବହନ ବିଭାଗ ଗ୍ରହଣ କରୁନାହିଁ। ଗତ ୪ବର୍ଷ ଧରି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ଜନସାଧାରଣଙ୍କ କାମରେ ନଲାଗିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଜଗତସିଂହପୁର ଜିଲ୍ଲା ପରିବହନ ବିଭାଗର ଗାଡିଚାଳନା ଓ ଯାନ ନିରୀକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ଜଗତସିଂହପୁର-ଜଇପୁର ରାସ୍ତାର ରାହାଡିଙ୍ଗାଠାରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। ପରିବହନ ବିଭାଗ ୧ କୋଟି, ୫୧ ଲକ୍ଷ ୫୪ ହଜାର ଟଙ୍କାରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏହାର ନିର୍ମାଣ ଦାୟିତ୍ୱ ଦେଇଥିଲା। ପ୍ରଥମେ ୧ କୋଟି ୩୧ ଲକ୍ଷ ୭୬୧୬ ଟଙ୍କା ଏଷ୍ଟିମେଟ ପ୍ରସ୍ତୁତ କରାଯାଇଥିଲା। ଟେଣ୍ଡର ପରେ ଏହି ପ୍ରକଳ୍ପ ୧ କୋଟି ୨୫ ଲକ୍ଷ ୧୭ ହଜାର ୭୩୪ ଟଙ୍କାର ଚୁକ୍ତି ହୋଇଥିଲା। ଠିକାଦାର ଶ୍ରାବଣୀ ଦଳାଇ ଏହି ଟେଣ୍ଡର ପାଇ ୨୦୧୮ ଅକ୍ଟୋବର ୨୭ ତାରିଖରେ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ତେବେ ଟେଣ୍ଡରର ସର୍ତ୍ତାବଳୀ ଅନୁସାରେ ଏହା ୨୦୧୯ ସେପ୍ଟେମ୍ବର ୨୬ ତାରିଖରେ ଶେଷ ହେବା କଥା। ମାତ୍ର କାମ ନିର୍ଦ୍ଧାରିତ ସମୟରେ ଶେଷ ନହେବାରୁ ପ୍ରକଳ୍ପର ଏଷ୍ଟିମେଟ ବଢ଼ିବା ସହିତ ୨୦୨୦ ଜୁଲାଇ ୨୦ ତାରିଖରେ ଶେଷ ହୋଇଥିଲା।

ଏପର୍ଯ୍ୟନ୍ତ ଏହି ପ୍ରକଳ୍ପଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଠାରୁ ଆଞ୍ଚଳିକ ପରିବହନ ବିଭାଗକୁ ହସ୍ତାନ୍ତର କାରାଯାଇନାହିଁ। ନିମ୍ନମାନର କାମ ସହିତ କାମ ଅଧା ରହିଥିବାରୁ ଗତ ତିନି ବର୍ଷଧରି ଏହାକୁ ପରିବହନ ବିଭାଗ ଗ୍ରହଣ କରୁନାହିଁ। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଲା ଠିକାଦାର ସମସ୍ତ ବିଲ ପାଇ ସାରିଛି। ଏକ ପକ୍ଷରେ ଟ୍ରେନଂ ଟ୍ରାକ ସମେତ ଅନ୍ୟାନ୍ୟ ଅନୁସଙ୍ଗିକ କାମ ହେଲେ ଯାଇ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ କାମ ସରିଛି ମାତ୍ର ପରିବହନ ବିଭାଗ ଏହାକୁ ଗ୍ରହଣ କରୁନାହିଁ ବୋଲି କହି ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ମୁଣ୍ଡରୁ ଦୋଷ ଖସାଇ ଚାଲିଛି। ତେବେ ସାଧାରଣ ଲୋକଙ୍କ ହିତ ପାଇଁ ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପରେ ଖର୍ଚ୍ଚ କାରାଯାଇଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବା ସହିତ ଏଥିପାଇଁ ଦାୟୀ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷୀରୋଦ ଚନ୍ଦ୍ର ଦାସ, ତ୍ରିଲୋଚନ ଜେନା, ରବୀନ୍ଦ୍ର ବେହେରା, ରଞ୍ଜିତ ଜେନା, ଧନଞ୍ଜୟ ଦାସ, ପ୍ରଶନ୍ନ ଜେନା, ପ୍ରଫୁଲ୍ଲ ଜେନା ଓ ପ୍ରଦୀପ୍ତ ଜେନା ପ୍ରମୁଖ ଦାବି ଦାବି କରିଛନ୍ତି।

ଅନ୍ୟପକ୍ଷରେ ସାଁପୁରଠାରେ ଏକ ସଂକୀର୍ଣ୍ଣ ସ୍ଥାନରେ ଗାଡି ଚାଳନା ପରୀକ୍ଷଣ କରାଯାଉଛି। ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲା ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କୁ ପଚାରିବାରୁ ସେ କହନ୍ତି, ଏପର୍ଯ୍ୟନ୍ତ ଏହି କେନ୍ଦ୍ରଟି ଆର୍‌ଡି ବିଭାଗ ଅଧିନରେ ରହିଛି, ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇପାରିନାହିଁ। ତେବେ ବର୍ତ୍ତମାନ ସମୟର ଆବଶ୍ୟକତାକୁ ଭିତ୍ତିକରି ଏହି କେନ୍ଦ୍ରରେ ବହୁ ପରିବର୍ତ୍ତନ ର ଆବଶ୍ୟକତା ରହିଛି। ଏଠାରେ ଆଉ ଦୁଇଟି ଟ୍ରାକ ନିର୍ମାଣ ହେବା ସହିତ ଏହି କେନ୍ଦ୍ରକୁ ଆବଶ୍ୟକ ମୁତାବକ ସକ୍ଷମ କରାଯିବାର ଅବଶ୍ୟକତା ରହିଛି।

# ଜଗତସିଂହପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ



**ଜଗତସିଂହପୁର, ୧୮।୨ (ସମିସ):** ଜଗତସିଂହପୁର ସହରାଞ୍ଚଳ ସ୍ଥିତ କଣ୍ଟାବଲ୍ଲଭପୁର ଠାରେ ସହରାଞ୍ଚଳ ପାଇଁ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଗତସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଉଦଘାଟନ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ମୁନିସିପାଲଟି ଅଧକ୍ଷା ଅର୍ଚ୍ଚନା ସିଂ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. କ୍ଷେତ୍ରବାସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନର ସହରାଞ୍ଚଳ ସ୍ୱାସ୍ଥ୍ୟ ସେବାର ଅନ୍ତର୍ଗତ ଅଟେ। ଏହା ଜଗତସିଂହପୁର ସହରାଞ୍ଚଳରେ ୩୩ ହଜାର ଲୋକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଡ.ଦାସ ପ୍ରକାଶ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏମ ଚକ୍ରଧର ଜେନା, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ନୀଳମାଧବ ରଥ, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଦେଖୁଥିବା ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ମହାପାତ୍ର, ଅର୍ବାନ ଡାଟା ମ୍ୟାନେଜର ପ୍ରକାଶ କୁମାର ନନ୍ଦି, ରିବିଡ଼ି କନସଲଟାଣ୍ଟ ଅସିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜଗତସିଂହପୁର ନେତୃବୃନ୍ଦଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସହରାଞ୍ଚଳରେ କାର୍ଯ୍ୟ କରୁଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ୧୧ ଜଣ ଆଶାକର୍ମୀ ଉପସ୍ଥିତ ଥିଲେ।

# ଶୋଭନୀୟ ପ୍ରଜ୍ଞାପ୍ରତିଭା ଉତ୍ସବ ଉଦ୍‌ଯାପିତ



**କୁଜଙ୍ଗ, ୧୮।୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଫତେପୁରଠାରେ ଥିବା ପ୍ରଜ୍ଞାସାଥୀ ଶୋଭନୀୟ ଶିକ୍ଷାଶ୍ରମରେ ଶୋଭନୀୟ ପ୍ରଜ୍ଞାପ୍ରତିଭା ଉତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀ ଯୋଗଦେଇ ଶିକ୍ଷା ସହ ଦେବା ଓ ସଂସ୍କାର ତଥା ଭାରତୀୟ ମୂଲ୍ୟବୋଧ ଜୀବନରେ ଧେୟ ହେଉ ବୋଲି କହିଥିଲେ। ସମ୍ମାନୀତ ଅତିଥି ରୂପେ ସମାଜସେବୀ ସୁଧାଂଶୁ ମହାପାତ୍ର, ଆଦର୍ଶ ଶିକ୍ଷାବିତ୍ ନୃସିଂହଚରଣ ବରାଳ ଯୋଗ ଦେଇ କୃତଜ୍ଞତା ପୂର୍ଣ୍ଣ ଶୋଭନୀୟ ଜୀବନ ବଞ୍ଚିବା ନେଇ ପ୍ରେରଣା ଦେଇଥିଲେ। ଶିକ୍ଷା ଶ୍ରମର ସମ୍ପାଦକ ନିରାକର ବେଉରା ସୃଜନଶୀଳ ଶୋଭନୀୟ ଶିକ୍ଷାର ବିଭିନ୍ନ ଦିଗ ଉପରେ ଛାତ୍ର ଛାତ୍ରୀ ଅଭିଭାବକ ଓ ଗୁରୁମା ଗୁରୁଜୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା କୁମାର ଭାଇଙ୍କ ରଚନା ମୋ ମନର ନିରିମଳ ଜାଗ୍ରତ ଆମେ ବିଶ୍ୱ ଜନନୀ, କଦମ କଦମ ଆଗେଇ ଚାଲ, ଆମେ ଯାତ୍ରୀ ଭଳି ଅନେକ ଚେତନା ପ୍ରଦ ଶୋଭନୀୟ ନୃତ୍ୟ ସଙ୍ଗୀତ ପରିବେଶର କରିଥିଲେ। ଶିକ୍ଷା ଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଗୁରୁମା ବିନୀତା ରାଉତଙ୍କ ପୌରୋହିତ୍ୟରେ ଜ୍ଞାନରଞ୍ଜନ ମହାନ୍ତି, ରମେଶ ପ୍ରସାଦ ସ୍ୱାଇଁ, ବିକ୍ରମ ମହାରଣା ପ୍ରମୁଖଙ୍କ ସହ ସମସ୍ତ ଗୁରୁମା ଓ ଗୁରୁଜୀ ପରିଚାଳନା କରିଥିଲେ।

# ବିଶିଷ୍ଟ ବ୍ୟବସାୟୀ ଭାଗୀରଥି ସାହୁଙ୍କ ପରଲୋକ



ପାରାଦୀପ, ୧୮।୨(ସମିସ): ପାରାଦୀପ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଭାଗିରଥି ସାହୁ ଆଉ ନାହାନ୍ତି। ଗତକାଲି ରାତି ପାଖାପାଖି ୧୦ ଟାରେ ତାଙ୍କ ପାରାଦୀପସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାରା ବନ୍ଦର ନଗରୀ ସ୍ତବ୍ଧ ହୋଇଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ସମସ୍ତଙ୍କ ସୁଅ ଛୁଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ସହଧାର୍ମିଣୀ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଦୀର୍ଘ ଦିନ ହେବ ଅସୁସ୍ଥତା ନେଇ ଘରେ ରହି ଚିକିତ୍ସିତ ହେଉଥିଲେ। ସେ ପାରାଦୀପରେ ଜଣେ ଜଣାଶୁଣା ଶିଳ୍ପପତି। ଏହା ସହିତ ଜଣେ ସୁଦକ୍ଷ ବ୍ୟବସାୟୀ, ସମାଜସେବୀ ତଥା ପାରାଦୀପର ବିଭିନ୍ନ ସଙ୍ଗଠନ ସହିତ ଜଡିତ ଥିଲେ। ପାରାଦୀପ ବନ୍ଦରର ଟ୍ରଷ୍ଟି, ପୋର୍ଟ ବଣିକ ସଂଘର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥି ସହିତ ସେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତ ଥିଲେ। ଠାକୁରଙ୍କ ନାମରେ ପାରାଦୀପ ଦୋଛକିରେ ଏକ ବିରାଟ ମେଡିକାଲ ସ୍ଥାପନ କରିଥିଲେ। ତାଙ୍କ ନିଜ ଘର କୁଜଙ୍ଗ ବ୍ଲକ ହସିଣା। ପୁରୀରେ ତାଙ୍କ ଶେଷକୃତ୍ୟ ହୋଇଛି।

## ନାଉଗାଁ ଓ ନୂଆଗାଁରେ ସଚେତନତା କାର୍ଯ୍ୟକ୍ରମ

**ନାଉଗାଁ, ୧୮।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ସରପଞ୍ଚ ଦୋଳଗୋବିନ୍ଦ ରାଉଳଙ୍କ ଅଧକ୍ଷତାରେ ରାଜ୍ୟ ସରକାରଙ୍କ ମୋ ଓଡ଼ିଶା ନବୀନ୍ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପତ୍ର, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ସମିତିସଭ୍ୟା ଶ୍ରାବଣୀ ରାୟ, ଦିଲ୍ଲିପ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଉକ୍ତ ପଞ୍ଚାୟତର ଜିଆରଏସ ରାକେଶ କୁମାର ରାୟ ପରିଚାଳନା କରିଥିଲେ। ସେହିପରି ନାଉଗାଁ ପଞ୍ଚାୟତରେ ସରପଞ୍ଚ ପ୍ରାଚୀସାଗରିକା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମିତିସଭ୍ୟାଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଭୟ କର୍ଯ୍ୟକ୍ରମରେ ନୃତ୍ୟ, ଗୀତ ଓ ପାଲା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ସମାଜସେବୀ ମୁରଲୀଧର ରଥଙ୍କୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୧୮।୨(ସମିସ):** ତିର୍ତ୍ତୋଲ ବ୍ଲକ ପାଟିଲୋ ପଞ୍ଚାୟତର ଏକାଧିକ ବାର ସରପଞ୍ଚ ଓ ସମିତିସବ୍ୟ ଥିବା ସମାଜସେବୀ ମୁରଲୀଧର ରଥଙ୍କୁ ଭୁବନେଶ୍ୱର ଜୟଦେବ ସଦନ ଠାରେ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା।

## ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଶିବିର

**ବାଲିକୁଦା, ୧୮।୨(ସମିସ):** ବାଲିକୁଦା ବ୍ଲକ ଅନ୍ତର୍ଗତ ଯଏଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ବିଦ୍ୟାଳୟ ପରିସରରେ ଏକ ମାଗଣା ଚିକିତ୍ସା ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆର୍ଥାଇଟିସ ଆଣ୍ଡ ର୍‌ୟୁମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ ଚିକିତ୍ସା ଶିବିରକୁ ଜଗତସିଂହପୁର ବରିଷ୍ଠ ଚିକିତ୍ସକ ଡାକ୍ତର ଦୟାନିଧି ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଜ୍ୟୋତି ରଞ୍ଜନ ପରିଡ଼ା ମାଗଣା ଚିକିତ୍ସା ଶିବିରର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶିବିରରେ ଚର୍ମ ବିଶେଷଜ୍ଞ ଡା. ଦୀପ୍ତି ରଞ୍ଜନ ବିଶୋଇ, ଭେଷଜ ପ୍ରଫେସର ଡା ଚନ୍ଦନ ଦାସ, ଲିପ୍ସା ରାଉତ, ଅସ୍ଥି ଶଲ୍ୟର ଡ଼ା ଅଭିମନ୍ୟୁ ମଧୁଆଳ, ଜିତେନ୍ଦ୍ର ରାଉତ, ଅନ୍ୟାନ୍ୟ ବିଭାଗର ଓଡ଼ିଶାର ବିଭିନ୍ନ ମେଡ଼ିକାଲରୁ ଡାକ୍ତର ମାନେ ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଆଖ ପାଖ ଅଞ୍ଚଳର ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେବାସହ ମାଗଣା ରକ୍ତ, ରକ୍ତଚାପ ପରୀକ୍ଷା, ବୋନ ମ୍ୟାରୋ ଡେନସିଟି ଟେଷ୍ଟର ଲାଭ ଉଠାଇଥିଲେ। ଟ୍ରଷ୍ଟର ଅଧକ୍ଷ ଚୈତନ୍ୟ ଚରଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ରୋଗୀ ମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶ୍ରୀକୃଷ୍ଣ ଗୁରୁକୁଳ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ଜେନା, ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ, ଉପଦେଷ୍ଟା ଧର୍ମାନନ୍ଦ ଦାସ, ଉପେନ୍ଦ୍ର ସାହୁ, ସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ଚାଣକ୍ୟ ସମ୍ମାନ

**ତିର୍ତ୍ତୋଲ, ୧୮।୨(ସମିସ):** ତିର୍ତ୍ତୋଲ ବ୍ଲକର ତିନି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଦାସ, ଝୁଲରାମ ଦାସ ଓ ନିତ୍ୟାନନ୍ଦ ନାୟକଙ୍କୁ ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘ ତରଫରୁ 'ଚାଣକ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶନିବାର ବାବା ସାଗର ଦାସ ବିଦ୍ୟାପୀଠଠାରେ ସଂଘ ତରଫରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଅଧିବେଶନ ଓ ସମ୍ବର୍ଦ୍ଧନା ଉତ୍ସବରେ ସଂଘର ସଭାପତି ଲକ୍ଷ୍ମଣ କୁମାର ମହାନ୍ତି ଓ ସମ୍ପାଦକ ମୁରଲୀଧର ନାୟକଙ୍କ ସମେତ ଅତିଥିମାନେ ଉପସ୍ଥିତ ରହି ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ଚାଣକ୍ୟ ସମ୍ମାନରେ ସମ୍ମାନିତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକମାନେ ସଂଘର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂଘର ଉତ୍ତୋରତ୍ତର କାମନା କରିଛନ୍ତି।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ବାଲିକୁଦା, ୧୮।୨(ସମିସ):** ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ କେରୁଆଁପଡ଼ା ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯମୁନା ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୈଳାସ ପୂର୍ତ୍ତି, ମୁଖ୍ୟ ବକ୍ତା ଭାବେ ଦେବକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ପରିଡ଼ା, ବିଷ୍ଣୁ ଚରଣ ପରିଡ଼ା, ରମେଶ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବହିରା, ପ୍ରଶାନ୍ତ କୁମାର ସେଠୀ ଓ ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଗୁରୁଜୀ ପବିତ୍ର ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାରେ ଚାମ୍ପିଅନ ରିତେଶ ନାୟକ, ଶତକଡା ୯୦ରୁ ଊର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ମେଧାବୃତ୍ତି ପାଇଥିବା ରାହୁଲ ସ୍ୱାଇଁ, ରିତେଶ ନାୟକ, ଲିସା ସ୍ୱାଇଁ ଓ ରିୟା ସ୍ୱାଇଁଙ୍କୁ ପଦକ, ସିଲ ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏକକ ନୃତ୍ୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିବା ଲିସା ସ୍ୱାଇଁ, ୨ୟ ସ୍ଥାନରେ ଶ୍ରୀ ସମୃଦ୍ଧି ସ୍ୱାଇଁ, ୩ୟ ସ୍ଥାନରେ ଆଦ୍ୟଶା ସ୍ୱାଇଁ, ଗୀତରେ ସ୍ୱାଗତ କାଣ୍ଡି, ରିୟା ସ୍ୱାଇଁ ଓ ଦଳଗତ ନୃତ୍ୟରେ ଗଛଟିଏ ମୁଁ ଗଛଟିଏ, ମୁଁ ଓଡ଼ିଆ ପୁଅ ଭାରି ସ୍ୱାଭିମାନୀ ଓ ମହୁଆ ପାଣି ଗୀତରେ ନୃତ୍ୟ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଗାଁରେ ବିଜେଡିର ଏକତା ସମାବେଶ




**ବାଲିକୁଦା, ୧୮।୨(ସମିସ):** ବାଲିକୁଦା ବ୍ଲକ ନୂଆଗାଁ ସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଠାରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ସଞ୍ଜୀବ ଏସ ବିଶ୍ୱାଳଙ୍କ ନେତୃତ୍ୱରେ ୧୦ହଜାରରୁ ଊର୍ଦ୍ଧ୍ୱ ବିଜେଡ଼ି କର୍ମୀଙ୍କୁ ନେଇ ଆଜି ଏକ ବିଶାଳ ଏକତା ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାବେଶରେ କଟକର ଗାନ୍ଧିବାଦୀ ନେତା ସୁରଜ ସୂର୍ଯ୍ୟବଂଶୀ, ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ସାମନ୍ତରାୟ, ଏରସମା ବ୍ଲକର ପୂର୍ବତନ ଉପାଧକ୍ଷ ସୁମନ୍ତ ବାରିକ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ବାବଦରେ ଲୋକମାନଙ୍କୁ ବୁଝାଇବା ସହ ଆସନ୍ତା ନିର୍ବାଚନରେ ପୁନର୍ବାର ମୁଖ୍ୟମନ୍ତ୍ରୀ କରାଇବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ତରାସାହି ସରପଞ୍ଚ ରାଜେଶ ବେହେରା, ଅପଣ୍ଡରା ସରପଞ୍ଚ ଉର୍ମିଳା ସାହୁ, ଅଳାବୋଳ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ରମେଶ ଚନ୍ଦ୍ର ପାଇଟାଳ, ହେମନ୍ତ କୁମାର ସେଠୀ, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀଙ୍କ ସହ ସମସ୍ତ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ପୂର୍ବତନ ସରପଞ୍ଚ/ସମିତି ସଭ୍ୟ, ସଭ୍ୟାଙ୍କ ସହ ୧୦ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

**ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

# ରାଜକନିକାକୁ ହରାଇ ଫାଇନାଲ୍‌ରେ ପାରାଦୀପ

କୁଜଙ୍ଗ, ୧୮।୨(ସମିସ)



କୁଜଙ୍ଗ ବ୍ଲକ ମଙ୍ଗରାଜପୁର ସ୍ଥିତ ନେତାଜୀ ଆଥଲେଟିକ ଆସୋସିଏସନ ପକ୍ଷରୁ ୨୬ତମ ଦୁଇଦିନିଆ ଫୁଟବଲ୍ଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଆସୋସିଏସନର ସଭାପତି ମାନସ କୁମାର ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଫୁଟବଲ ଖେଳାଳୀ ରଞ୍ଜନ କୁମାର ଦାସ(ଟିକି), ସ୍ଥାନୀୟ ସରପଞ୍ଚ ଇଂ.ପ୍ରମୋଦ କୁମାର ବେହେରା, କଳିଙ୍ଗ କ୍ୟାଲିସନର ପରାଦୀପ ଉପସଭାପତି ନିରଞ୍ଜନ ଖୁଣ୍ଟିଆ, ଏସି କମର୍ସିଆଲର ସାଧାରଣ ପରିଚାଳକ ଅକ୍ଷୟ କୁମାର ସୂତାର, ସମାଜସେବୀ ଉଦୟନାଥ ରାଉତ, ପୂର୍ବତନ ସାଂସଦ ତଥା ଷ୍ଟାଡିୟମର ପ୍ରତିଷ୍ଠାତା ଡାକ୍ତର କୁଳମଣୀ ସାମଲ ପ୍ରମୁଖ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଦାସ ମଙ୍ଗରାଜପୁର ଗ୍ରାମର ଫୁଟବଲ ଖେଳପ୍ରତି ରହିଥିବା ଭଲପାଇବା ତଥା ଏହି ପଡ଼ିଆରେ ଅତୀତରେ ଫୁଟବଲ ଖେଳକୁ ନେଇ ରହିଥିବା ପରମ୍ପରା ଓ ଗୌରବର କଥା ବୋଲି କହିଥିଲେ। ପରେ ଆୟୋଜକ ନେତାଜୀ ଆଥଲେଟିକ ଆସୋସିଏସନ ଓ ପାରାଦୀପ ମଧ୍ୟରେ ପ୍ରାରମ୍ଭିକ ମ୍ୟାଚ ଖେଳାଯାଇଥିଲା। ଟ୍ରାଇବେକର ସହାୟତାରେ ପାରାଦୀପ ୫-୪ ବ୍ୟବଧାନରେ ବିଜୟୀ ହୋଇଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ରାଜକନିକା ଓ ଆଜାଦ୍ ହିନ୍ଦ ବରହମପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଜକନିକା ବିଜୟଲାଭ କରିଥିଲା। ସେମିଫାଇନାଲ ଖେଳ ରାଜକନିକା ଓ ପାରାଦୀପ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାରାଦୀପ ୩-୨ ବ୍ୟବଧାନରେ ରାଜକନିକାକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ଅଜୟ ବେହେରା, ରୋଶନ କୁଜୁର, ସଞ୍ଜୀବ ନେତା ପ୍ରମୁଖ ରେଫରୀ ଓ ଲାଇନ୍ସମ୍ୟାନ ଭାବେ ପରିଚାଳନା କରିଥିଲେ।

ସକାଳ
THE SAKALA



www.sakalaepaper.com

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ



**କଣିହାଁ, ୧୮।୨(ସମିସ)**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଜରଡ଼ା ପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ‘ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।.ଏହି ଶିବିରରେ ସରପଞ୍ଚ ସୁମିତ୍ରା ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଜୋନ ନଂ. ୯ ରଞ୍ଜନ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ କଣିହାଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଂଶୁ ଶେଖର ନାୟକ, ସମିତ ସଭ୍ୟକ୍ଷ ଦୀପ୍ତିମୟୀ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯାଜ୍ଞସେନୀ ବେହେରା ପରିଚାଳନା କରିଥିଲେ। ପଞ୍ଚାୟତ ସ୍ତରରେ କୃଷି ବିଭାଗ, ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ବିଭାଗ, ସମସ୍ୟା ସମାଧାନ କରିଥିଲେ। ଏହି ଅବସରରେ ତାଳଚେର ନିର୍ବାଚନ ମଣ୍ଡଳୀ କଣିହା ବ୍ଲକ ୯ ନଂ ଜୋନର ନିର୍ବାଚିତ ଜନପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଜରଡା ଗ୍ରାମ ରୋଜଗାର ସେବକ ସୁଶାନ୍ତ କୁମାର ଭୁତିଆ, ଅଙ୍ଗନବାଡ଼ି କର୍ମୀ, ଏମ୍ବିକେ ସିଆରପି ଆଶା ଦିଦି ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

**ଆଠମଲ୍ଲିକ, ୧୮।୨(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକର ଅଏଡ଼ା ଗ୍ରାମପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବବିତା କର୍ଣ୍ଣ, ମୁଖ୍ୟବକ୍ତା ଭାବେ ବିଜେଡି ନେତା ଚିତ୍ତରଞ୍ଜନ କର୍ଣ୍ଣ, , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ, କେନ୍ଦୁପତ୍ର ଫରେଷ୍ଟର ପ୍ରମୋଦ କୁମାର ସ୍ୱାଇଁ, ନଅଗାଁ ଗ୍ରାମପଞ୍ଚାୟତ ସମିତି ସଭ୍ୟା ପ୍ରତିମା ଦେହୁରୀ, ମଞ୍ଚାସିନ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋଭାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିବୃନ୍ଦ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସରକାରଙ୍କ ଯୋଜନା ସମ୍ପର୍କରେ ପାଲା, କେନ୍ଦରା ଗୀତ, ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ‘ହେ ନବୀନ ବାବୁ, ତୁମେ ଆମ ଫ୍ୟାନ.....’ ଗୀତରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସଫଳ ମହିଳା ଚାଷୀ, ସଫଳ କାରିଗର, ସଫଳ ଗାଇଚାଷୀ ଆଦିଙ୍କୁ ପୁରସ୍କୃତ କରାଯାଇଥିଲା। ଜିଆରଏସ୍ ଉମେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୁର୍ଘଟଣାରେ ପରଜଙ୍ଗ ଛାତ୍ର ମୃତ

**କେନ୍ଦୁଝର, ୧୮।୨(ସମିସ):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜୁଡ଼ିଆ ଘାଟି ନିକଟରେ ରବିବାର ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଓମପ୍ରକାଶ ନାୟକ(୨୧) ଏବଂ ଘର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁସୁମୀ ଗ୍ରାମରେ। ସେ ସରାଙ୍ଗ ଆଇଜିଆଇଟିରେ ମେକାନିକାଲ ଡିପ୍ଲୋମାରେ ଦ୍ୱିତୀୟ ବର୍ଷ ଛାତ୍ର। ଏକ ମାତ୍ର ପୁଅ ଦୁର୍ଘଟଣାରେ ଆରପାରିକି ଚାଲିଯିବା ପରେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକ। ୬ ଜଣ ସାଙ୍ଗ ଆଗପଛ ହୋଇ ଘଟଗାଁ ମା’ ତାରିଣୀ ମନ୍ଦିର ଆସୁଥିବା ବେଳେ ଜୁଡ଼ିଆ ଘାଟି ରାସ୍ତାରେ ଘନ କୁହୁଡ଼ିରେ ସକାଳ ପ୍ରାୟ ୭ଟା ୩୦ରେ ଏକ ଟ୍ରକ୍ ସମ୍ମୁଖକୁ ଚାଲି ଆସିବାରୁ ଭାରସାମ୍ୟ ରକ୍ଷା କରିନପାରି ରାସ୍ତା ପାର୍ଶ୍ୱରେ ଏକ ପଥରକୁ ଧକ୍କାଦେଇ ଛିଟିକି ପଡ଼ିଥିଲେ। ପଛରେ ଆସୁଥିବା ସାଙ୍ଗମାନେ ତାଙ୍କୁ ଏକ କାର୍ରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଓମପ୍ରକାଶ ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍ ଚଲାଉଥିବା ଅମ୍ବୁଜ ଚରଣ ବିଶ୍ୱାଳ ସାମାନ୍ୟ ଆହତ ହୋଇଛନ୍ତି। ଟାଉନ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଡି ୦୬-ଜେ-୫୯୧୬) ଜବତ୍ କରିବା ସହ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମନ୍ଦିର ହୁଣ୍ଡିରୁ ଚୋରି; ଥାନାରେ ଅଭିଯୋଗ

**ଛେଣ୍ଡିପଦା, ୧୮।୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନାର ତୁକୁଡ଼ା ଗ୍ରାମର କାଳୀମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ଜରପଡ଼ା ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତ୍ରୀରେ ଦୁର୍ବୃତ୍ତମାନେ କାଳୀମନ୍ଦିରରେ ଥିବା ବାହାର ଓ ଭିତର ଦାନହୁଣ୍ଡିକୁ ମନ୍ଦିର ପାର୍ଶ୍ୱ ନାଳ ପାଖକୁ ନେଇ ସେଥିରୁ ଦାନ ଅର୍ଥକୁ ଚୋରି କରିନେବା ପରେ ହୁଣ୍ଡିକୁ ପାଖରେ ଥିବା ନାଳ ପାର୍ଶ୍ୱରେ ଫୋପାଡ଼ି ଦେଇ ଚାଲିଯାଇଥିଲେ। ଗତମାସ ୨୨ତାରିଖରେ ହୁଣ୍ଡି ଖୋଲାଯାଇ ୨୦ହଜାରରୁ ଅଧିକ ଟଙ୍କା ବାହାର କରାଯାଇଥିଲା। ତେବେ ଗ୍ରାମର ଜଣେ ଯୁବକ ଏଥିରେ ସମ୍ପୃକ୍ତ ଥିବା ନେଇ ସନ୍ଦେହ କରି ତାଙ୍କ ନାମରେ ଅଭିଯୋଗ କରାଯାଇଛି। ଏନେଇ ତୁକୁଡ଼ା ଗ୍ରାମ ସମ୍ପାଦକ ସନ୍ତୋଷ କୁମାର ସାହୁ ଚୋରି ହୋଇଥିବା ନେଇ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ଜରପଡ଼ା ଥାନା କେସ ନଂ ୫୨/୨୪ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଶଙ୍ଖଜ୍ୟୋତି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ରେଙ୍ଗାଳି, ୧୮ ।୨(ସମିସ):** କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଖୁଣ୍ଡ ଗ୍ରାମ ନିକଟସ୍ଥ ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ସଦାଶିବ ପ୍ରଧାନ ଉତ୍ସବରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତାଭାବେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଭାଇସ ଚାନସେଲର ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଜିଜ୍ଞାସୁ ହେବା ସହ ଧିଶକ୍ତିକୁ ଜାଗ୍ରତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ଋଜନ କୁମାର ପରିଡ଼ା, ଡିଜିଏମ ସୁବ୍ରତ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ମୁଖ୍ୟ ଅତିଥି କୁଲୁମା ପଞ୍ଚାୟତ ନୀଳାପଶି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଚିନ୍ତାମଣି ସାହୁଙ୍କ ସ୍ତ୍ରୀ ବୁଦ୍ଧେଇ ସାହୁ (୯୫) ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ।

## ବିଜିଗୋଳରେ ଅଷ୍ଟପ୍ରହର ନାମସଂକୀର୍ତ୍ତନ



**କଣିହାଁ, ୧୮।୨(ସମିସ):** କଣିହାଁ ବ୍ଲକ ବିଜିଗୋଳ ଗ୍ରାମବାସୀଙ୍କ ପକ୍ଷରୁ ଚର୍ତୃତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଗତକାଲି ଅଧୀବାସ ଅବସରରେ ନିକଟସ୍ଥ ବ୍ରାହ୍ମଣୀ କୂଳରେ ପୌରହିତଙ୍କ ଦ୍ୱାରା ଯଥାରିତି ପୂଜାର୍ଚ୍ଚନା ସାରିବା ପରେ କଳସ ଯାତ୍ରା ହୋଇଥିଲା। ଏନ୍ଟିପିସି ପାଣିପମ୍ପ ହାଉସ୍ ସ୍ଥିତ ବ୍ରାହ୍ମଣୀ ନଦୀ ପଠାରୁ ଏହି ଶୋଭାଯାତ୍ରା ବାହାରି ବାରଡାଙ୍ଗୁଆ, ବିଜିଗୋଳ ନୂଆଁ ସାହି ଦେଇ ଗ୍ରାମସ୍ଥ ମଙ୍ଗଳା ପୀଠ ନାମଯଜ୍ଞ ସ୍ଥଳକୁ ପହଞ୍ଚିଥିଲା। ବ୍ରତଧାରୀମାନେ ବିଜିଗୋଳ ଗ୍ରାମସ୍ଥ ମଙ୍ଗଳା ପୀଠ ପ୍ରାଙ୍ଗଣରେ ଆୟୋଜିତ ନାମ ସଂକୀର୍ତ୍ତନ ସ୍ଥଳରେ କଳସୀ ସ୍ଥାପନ କରିଥିଲେ। ନିମନ୍ତ୍ରିତ ୨୭ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମାନସ ରଞ୍ଜନ ନାଥ, ଅଜିତ କୁମାର ପାଣି, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ବିଷ୍ଣୁ ଚରଣ ପ୍ରଧାନ, ପରେଶ ରଞ୍ଜନ ନାଥ, ମଣ୍ଟୁ ପ୍ରଧାନ, ଅଙ୍ଗଦ ଦାସ, ଅରବିନ୍ଦ ସାହୁ, ବିରେନ୍ ଦାସ, ମଣ୍ଟୁ ସାହୁ, ରଞ୍ଜିତ କୁମାର ବେହେରା, ଜିତୁ ବେହେରା, ମାମୁଲ ସାହୁ, ମନୋରଞ୍ଜନ ବେହେରା, ବାଉରୀବନ୍ଧୁ ବେହେରା, ନିଶ୍ଚଳ ସାହୁ, ପାକୁନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ■ ଜାମୁନାଳୀ କପ୍ କ୍ରିକେଟ | କରଡ଼ିଙ୍ଗ ବାହାଳ ଚାମ୍ପିଅନ

**କିଶୋରନଗର, ୧୮।୨(ସମିସ):** କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ଜାମୁନାଳୀ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ କରଡ଼ିଙ୍ଗ ବାହାଳ ଦଳ କଳାବେଡ଼ା ଦଳକୁ ୬ ଓ୍ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଅମ୍ପାୟାର ଭାବେ ଟୁକୁ ପ୍ରଧାନ ଓ ପିଣ୍ଟୁ ପ୍ରଧାନ ଦାୟିତ୍ୱ ତୁଲାଇଥିବା ବେଳେ ଟିକନ ଦେହୁରୀ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ କରଡ଼ିଙ୍ଗ ବାହାଳର ବଣ୍ଟି ମାଝି ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସରୋଜ ସାହୁ, ଅର୍ଜୁନ ପାଣ୍ଡେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ




**ଆଠମଲ୍ଲିକ, ୧୮।୨(ସମିସ):** ଆଠମଲ୍ଲିକ ବ୍ଲକ ହନୁମାନ ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ ହେମନ୍ତ କୁମାର ଧର, ସମ୍ମାନିତ ଅତିଥି ଭାବେ ସୁଧୀର କୁମାର ମିଶ୍ର ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଠାକୁରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା। ତତ୍ ପରେ ଅନୁଷ୍ଠାନ ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ପାଦକ ଧ୍ରୁବଚରଣ ବଡ଼ମାଳି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ବାର୍ଷିକ ବିବରଣୀ ପଠନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ଉପରେ ଆଲୋଚନାଚକ୍ର




**କିଶୋରନଗର, ୧୮।୨(ସମିସ):** କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଠାରେ ଓଡ଼ିଶା ମିଲେଟ୍ ମିଶନ ଅନୁଗୋଳ ଶାଖା, ଓସ୍ୱାନ ଭୁବନେଶ୍ୱର ଆନୁକୂଲ୍ୟରେ ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡ. ଅରୁଣ କୁମାର ପ୍ରଧାନ, ବାମୁର ସରପଞ୍ଚ ସଂଜୀବ କୁମାର ପ୍ରଧାନ, ଲିପିକା ମହାପାତ୍ର, ଜୟକୃଷ୍ଣ ପ୍ରଧାନ, ସୁଧୀରରଞ୍ଜନ ପ୍ରଧାନ ଅଂଶଗ୍ରହଣ କରିଥିଲେ। ବିଶେଷଜ୍ଞ ସର୍ବେଶ୍ୱର ସାହୁ ଓ ସଂଯୋଜକ ଅକ୍ଷୟ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀମାନେ ସେମାନଙ୍କ ପ୍ରସ୍ତୁତ ପୁସ୍ତିକା ସମ୍ପର୍କରେ ଆଲୋକପାତ କରିଥିଲେ।

### ୨୨ରୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା

## ସାଧୁସନ୍ଥ ଓ ଭକ୍ତଙ୍କ ଆଗମନରେ ଚଳଚଞ୍ଚଳ ମହିମାଗାଦି

**ଢେଙ୍କାନାଳ, ୧୮ ।୨(ସମିସ)**

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ଆଦିପୀଠ ମହିମାଗାଦିରେ ମାଘ ମେଳା ବା ଯୋରନ୍ଦା ମେଳା ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ସହିତ ସାଧୁସନ୍ଥ ଓ ଭକ୍ତମାନଙ୍କ ଆଗମନରେ ମହିମାଗାଦି ଚଳଚଞ୍ଚଳ ହୋଇଉଠିଲାଣି। ଚତୁର୍ଦ୍ଦଶୀ ତିଥିରେ ଆରମ୍ଭ ହେବାକୁ ଥିବା ମାଘମେଳା ପାଇଁ ସମସ୍ତ ପ୍ରସ୍ତୁତି ସହ ବ୍ୟବସାୟୀମାନଙ୍କ ନିମନ୍ତେ ଜାଗା ଚିହ୍ନଟ ସରିଛି। ଆସନ୍ତା ୨୨, ୨୩ ଓ ୨୪ ତାରିଖ ତିନି ଦିନ ଧରି ମାଘମେଳା ଅନୁଷ୍ଠିତ ହେବ। ପ୍ରାତଃ ସମୟରେ ଗାଦି ମନ୍ଦିରର ଚାରିଦ୍ୱାର ଖୋଲାଯାଇ ମନ୍ଦିର ଚାରିପାଖ ସିଞ୍ଚନ କରାଯିବ। ବାବାଙ୍କ ଦ୍ୱାରା ରୂପାଝାଡୁରେ ଛେରାପହଁରା କରାଯାଇ ସିଦ୍ଧବକ୍କଳଧାରୀ ସନ୍ନ୍ୟାସୀଙ୍କ ଦ୍ୱାରା ଚାମର ବ୍ୟଜନ କରାଯାଇ ସାତମୁଠା ସୁନାଚାମର ଓ ଅବଶିଷ୍ଟ ରୂପା ଚାମରରେ ସିଦ୍ଧ ବକ୍କଳଧାରୀ ସନ୍ନ୍ୟାସୀମାନେ ମନ୍ଦିର ଚାରିପାଖ ଚାମର ସେବା କରିବେ। ଗାଦି ମନ୍ଦିରର ଗୋଟିଏ ପାର୍ଶ୍ୱରେ ସୁନା, ରୂପାର ବିଭିନ୍ନ ଅଳଙ୍କାର ସମେତ ଛତ୍ରୀ, ଅଢେଣୀ, ତରାସ, ମକରତ୍ରୋଣ ଆଦି ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପରେ ସନ୍ଧ୍ୟାରେ ଝାଡ଼ଦୀପ ପ୍ରଜ୍ୱଳନ କରାଯିବାର ବିଧି ରହିଛି। ମହିମା ଧର୍ମପୀଠ ଯୋରନ୍ଦା ମହିମା ଗାଦିରେ ୧୮୭୪ ମସିହାରେ ମହିମା ଗୋସାଇଁ ଯୋରନ୍ଦା ମେଳା ଆରମ୍ଭ କରିଥିଲେ। ଗୁରୁଗାଦୀରେ ପ୍ରତିବର୍ଷ ଏହି ମେଳା ଅନୁଷ୍ଠିତ ହୋଇଥାଏ।

ଅଖଣ୍ଡ ବତୀ ମନ୍ଦିର ଓ ଅଖଣ୍ଡ ଜ୍ୟୋତି ମନ୍ଦିରରେ ଝାଡ଼ଦୀପ ପ୍ରଜ୍ୱଳନ ସହିତ ଏକୋଇଶ ହାତିଆ ମନ୍ଦିରରେ ମଧ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଥାଏ। ମେଳାରେ ଦେଶ ସମେତ ବିଦେଶୀ ଭକ୍ତ ମଧ ମେଳା ବୁଲିବା ସହ ମହିମା ଧର୍ମ ବିଷୟରେ ସଚେତନ ହୋଇଥାନ୍ତି। ଚଳିତବର୍ଷ ମେଳାକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଲୋକ ବ୍ୟବସ୍ଥା, ଶୌଚାଳୟ, ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି। ମେଳାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଅସ୍ଥାୟୀ ଶୌଚାଳୟ ନିର୍ମାଣ, ସ୍ୱାସ୍ଥ୍ୟ ଶିବିର, ଗାଡ଼ି ପାର୍କିଂ, ଯାନବାହନ ନିମନ୍ତ୍ରଣ ଲଗି ପୁଲିସ ମୃତୟନ କରାଯାଇଛି। ମେଳାରେ ୨ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମହେ୍ୱାର ସମ୍ଭାନା ଥିବା ଜଣାପଡ଼ିଛି। ବିଶ୍ୱର ମଙ୍ଗଳ ପାଇଁ ଏହି ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଥିବା ବେଳେ ଲକ୍ଷ ଲକ୍ଷ ଭକ୍ତ ଶୂନ୍ୟବ୍ରହ୍ମଙ୍କ ଅଶିଷ ଲାଭ କରିଥାନ୍ତି। ମେଳାକୁ ସୂଚାରୁରୂପେ ପରିଚାଳନା ପାଇଁ ସତ୍ରମହିମା ଧର୍ମ ଧାମ ପରିଚାଳନା ସମିତି, କୌପୁନୀଧାରୀ ମହିମା ସମାଜର ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସାଧୁ ସନ୍ୟାସୀମାନେ ଗାଦିକୁ ଆସିବାରେ ଲାଗିଛନ୍ତି।



# ସରିଲା ଅବଧି, ଶେଷ ହେଲାନି କେନାଲ କାମ









**କେନ୍ଦ୍ରାପଡ଼ା,୧୮।୨(ସମିସ)**

କେନାଲ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କାର ଅର୍ଥ ହରିଲୁଟ ହେଉଛି। ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନର ଅସାଧୁ କର୍ମଚାରୀ ଆଉ ଠିକାଦାର ମିଳିମିଶି ଲୁଟ୍ କରୁଥିବା ଅଭିଯୋଗ ହେଉଛି। ମାତ୍ର ୩ କିଲୋମିଟର କାର୍ଯ୍ୟକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ନେଲେଣି। ଏମିତିକି ଏହି କେନାଲ କାର୍ଯ୍ୟ ଆଳରେ ଶତାଧିକ ବଡ ବଡ ଗଛ କାଟିଦେଲେ। ହେଲେ ଏତେଦିନ ବିତିଯିବା ପରେ ମଧ୍ୟ କାମ ସରୁନାହିଁ।

କେନ୍ଦ୍ରାପଡାର ଗଣ୍ଡାକିଆଠାରେ ଗୋବରୀ ନଦୀକୁ ସଂଯୋଗ କରିଥିବା ଏହି କେନାଲ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେନାଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ମହାଘୋଟାଲା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଥମେ କେନାଲର ପୁନରୁଦ୍ଧାର କାର୍ଯ୍ୟ ପାଇଁ ୨୬ କୋଟି ଟଙ୍କା ଚଳୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ପୁଣି ସେହି କେନାଲରେ ୩ କିଲୋମିଟର ସୌନ୍ଦର୍ଯ୍ୟକରଣ ନାମରେ ଘୋଟାଲା ହୋଇଛି। ଯାହାକୁ ନେଇ ଏବେ ସାଧାରଣରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି। କେନ୍ଦ୍ରାପଡ଼ାର ସର୍ବପୁରାତନ ଏହି କେନାଲ ଏବେ ବିଭାଗ ପାଇଁ ଲେଉଟିଆ କିଆରି ପାଲଟିଛି। ଗଣ୍ଡାକିଆଠାରେ ଗୋବରୀ ନଦୀକୁ ଏହି କେନାଲ ସଂଯୋଗ କରିଛି। ଚକ୍ରୋଡାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୨୫ କି.ମି ଲମ୍ବା କେନାଲର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୨୦୧୯ରେ ୨୬ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ପୁନରୁଦ୍ଧାର ତ ପରର କଥା, କେନାଲରୁ ଦଳ ବି ସଫା କରିବାରେ ଡ୍ରେନେଜ ବିଭାଗ ଅସମର୍ଥ ହେଲା।

ଏହାର ଠିକ ଦୁଇ ବର୍ଷ ପରେ ଅର୍ଥାତ ୨୦୨୧ ମସିହାରେ ଏହି କେନାଲର ମାତ୍ର ୩ କିଲୋମିଟର ସୌନ୍ଦର୍ଯ୍ୟକରଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କିନ୍ତୁ ଶୁଭ ଦିଆଯିବାର ୩ ବର୍ଷ ପୁରିଲାଣି ଏପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣର ନାଁ ଗନ୍ଧ ନଥିବାବେଳେ ଏବେ ଅଧାପନ୍ତରିଆ କେନାଲ ଲୋକମାନଙ୍କ ପାଇଁ ବିପଦ ପାଲଟିଛି। ୩୦ ଫୁଟରୁ ଅଧିକ ପ୍ରସ୍ଥ ଥିବା ଏହି କେନାଲକୁ ସଂକୁଚିତ କରାଯାଇ ଏହାକୁ କେଉଁ କେଉଁ ଜାଗାରେ ୧୮ ଫୁଟ ତ' ଆଉ କେଉଁଠି ୧୨ ଫୁଟ କରାଯାଉଛି। କେନାଲର ଦୁଇପାଶ୍ୱର୍ ୱାଲ ଏଭଳି କରାଯାଉଛି ଯେ, ଭବିଷ୍ୟତରେ ଯଦି କୋ÷ଣସି ମଣିଷ ହେଉ ଅବା ଗାଇ ଗୋରୁ ଭୁଲରେ କେନାଲରେ ପଡିଯାଆନ୍ତି ତେବେ ଜୀବନ ପ୍ରତି ଯଥେଷ୍ଟ ବିପଦ ରହିଛି।

> ■ ବିପଦ ସାଜିଛି ଅଧାପନ୍ତରିଆ ମୁକୁଳା କେନାଲ
> ■ କେନାଲ ବାହାନାରେ କାଟିଦେଲେ ଶତାଧିକ ଗଛ
> ■ କୋଟି କୋଟି ଟଙ୍କା ଲୁଟ୍ ପାଇଁ ମାଷ୍ଟରପ୍ଲାନ୍

ସବୁଠୁ ବଡ଼ କଥା ଏତେ କମ ପ୍ରଶସ୍ଥ କେନାଲ ପାଇଁ ଅନାୟସରେ ଶହ ଶହ ଖଜୁରି, ଆକାଶୀ, ଝାଉଁ, ୟୁକେଲପଟାସ ଭଳି ମୂଲ୍ୟବାନ ଗଛକୁ କାଟି ଠିକାଦାର ବିକି ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଗଛ କଟାକୁ ନେଇ ଜଳସମ୍ପଦ ବିଭାଗ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କେହି ଶୁଣି ନଥିଲେ। ଫଳରେ ଗଛଗୁଡ଼ିକୁ ବିକି ଲକ୍ଷ ଲକ୍ଷ ଟଙ୍କା ଠିକାଦାର ହଜମ କରିଦେଲେ। କେବଳ କେନାଲ ନୁହେଁ, ସହରର ଭିଡ଼ କମାଇବାକୁ ଏବଂ ସାଆନ୍ତସାହି ସେତୁର ବିକଳ୍ପ ଭାବେ ନିକଟରେ ଆଉ ଏକ ସେତୁ ନିର୍ମାଣ କରାଯିବାର କାମ ହାତକୁ ନିଆଯାଇଥିଲା। କିନ୍ତୁ ବର୍ଷ ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଏହି ସେତୁର କାର୍ଯ୍ୟ ସମାପ୍ତ ହେଲା ନାହିଁ। ନିମ୍ନମାନର ସେତୁ କାର୍ଯ୍ୟ କରିଥିବାରୁ ପୂର୍ବରୁ ଅନେକ ବିରୋଧ ହୋଇଥିଲା। ଆଉ ଏବେ ସେତୁର ଉଭୟ ପାଶ୍ୱର୍ରେ ଆପ୍ରୋଚ ରୋଡ଼ ହୋଇନଥିବାରୁ ଲୋକେ ପୂର୍ବ ଭଳି ସେମିତି ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଦୁର୍ନୀତି ହୋଇଥିବାରୁ ଶେଷରେ ସେତୁର ଫଳକ ଭାଙ୍ଗିଦେଇଥିଲେ। ଅନ୍ୟପଟେ ଏହି ଗୋବରୀ କେନାଲ ଅଧିନରେ ୫ନଂ. 'କ', ୫ ନମ୍ବର, ୭ନଂ., ୮ନଂ. ବ୍ରାଞ୍ଚ କେନାଲ ରହିଛି। କେନାଲଟି ପଙ୍କରେ ପୋତି ହୋଇରହିଥିବାରୁ ଏଥିରେ ନିର୍ଭର କରୁଥିବା ଚାଷୀ ଚାଷ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ସହ ଉଚ୍ଚମାନର କାର୍ଯ୍ୟ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ରାଜନଗର,୧୮।୨(ସମିସ):** ରାଜନଗର ବ୍ଲକ୍ ଓସ୍ତିଆ ଗ୍ରାମ ପଞ୍ଚାୟତର ଓସ୍ତିଆ ଗାଁ ସ୍ଥିତ ବଟଗୋସେଇଁ ମନ୍ଦିର ପ୍ରାଙ୍ଗଣରେ ''ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗରର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନାର ସଫଳ ରୂପାୟନ ଓ ଗ୍ରାମ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତର ସ୍ମରଣିକା ''ଆମ ପଞ୍ଚାୟତର ବିକାଶ' ଉନ୍ମୋଚିତ କରିଥିଲେ। ସରପଞ୍ଚ ବୈଦେହୀ ଦାସଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମଣ୍ଡଳ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ଦାଶ, ଜଗନ୍ନାଥପୁର ଶାସନ ଶିକ୍ଷା ନିକେତନର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ବେହେରା,



ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ, ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ରନାଥ ସେଠୀ, ଶିକ୍ଷାବିତ ପ୍ରସନ୍ନ କୁମାର ଦାସ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ସିଆର୍‌ସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜି .ଆର .ଏସ ଦୀପ୍ତିମୟୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଯୁବଶିକ୍ଷାବିତ ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ସମାଜସେବୀ ଅକ୍ଷୟ କୁମାର ନାୟକ, ଶିକ୍ଷାବିତ ଭାଗବତ ପ୍ରଧାନ, ୱାର୍ଡ ସଭ୍ୟ ଅକ୍ଷୟ କୁମାର ପ୍ରଧାନ, ନଳିନୀକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏଇ ଅବସରରେ ପଞ୍ଚାୟତର ଆଠ ଜଣ ଆଦର୍ଶ କୃତୀ ଶିକ୍ଷକ, ସମସ୍ତ ଏମ୍‌ବିକେ , ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀମାନଙ୍କୁ ସମ୍ବର୍ଦ୍ଧିତ ସହ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲେ।

## ରୂପାନ୍ତରଣରେ ସାମିଲ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ୍ ହସ୍‌ପିଟାଲ



**ପଟ୍ଟାମୁଣ୍ଡାଇ,୧୮।୨(ସମିସ):** ରୂପାନ୍ତରଣରେ ସାମିଲ ହୋଇଛି ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ୍ ହସ୍‌ପିଟାଲ। ଆଭାସୀ ଯୋଗେ ଶନିବାର ଏହାକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ପଟ୍ଟାମୁଣ୍ଡାଇ ସବ୍‌ଡିବିଜନ ହସ୍ପିଟାଲରେ ଏନେଇ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିଡିଓ ଶୁଭ୍ରାଂଶୁ ଶେଖର ସାହୁ, ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା. ନିରାକାର ପରିଡା, ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା ରଶ୍ମିରଞ୍ଜନ ମହାନ୍ତି, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢା ଲେଙ୍କା, କାଉନସିଲର ପ୍ରଶାନ୍ତ ବାରିକ, ରୋଗୀକଲ୍ୟାଣ ସମିତି ସଦସ୍ୟ ଶ୍ରୀକାନ୍ତ ରାଉତ ଓ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବୀଣାପାଣି କଳା ନିକେତନର ବାର୍ଷିକ ଉତ୍ସବ

**ରାଜନଗର,୧୮।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ କଳା ଶିକ୍ଷାନୁଷ୍ଠାନ ମଦନପୁରର ବୀଣାପାଣି କଳା ନିକେତନର ୧୪ ତମ ବାର୍ଷିକ ଉତ୍ସବ ମଦନପୁର ଯଜ୍ଞ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ପ୍ରଦୀପ ନାୟକ ଏଥିରେ ସଭାପତିତ୍ୱ କରିଥିବାବେଳେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ, କବି ସଚ୍ଚିତ୍ର ବେହୁରା, ଅଧ୍ୟାପିକା ଭଗବତୀ ରାଉତ, ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ, କବି ସୁଶାନ୍ତ କୁମାର ଦାଶ, ଓସ୍ତିଆ ବନ୍ଧପାଟଣା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କବି ପ୍ରମୋଦ କୁମାର ସେଠୀ ଓ ପୁଣ୍ୟତୋୟା ବିଦ୍ୟାମନ୍ଦିରର ଅଧ୍ୟକ୍ଷା ସୁଜାତା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍କଳର କଳା, ସଂସ୍କୃତି ଓ ଉତ୍କଳୀୟ ପରମ୍ପରା ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ରାଜେଶ କୁମାର ଲେଙ୍କା ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ବଳ, ନୃତ୍ୟଗୁରୁ ଦୀପକ ସାହୁ, ଚିତ୍ରଗୁରୁ ରମେଶ ଚନ୍ଦ୍ର ସ୍ୱାଇଁ, ସଙ୍ଗୀତଗୁରୁ ଜ୍ଞାନରଞ୍ଜନ ବେହୁରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଅନୁଷ୍ଠାନର ଉପଦେଷ୍ଟା ପବିତ୍ର କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



## ସପୁରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ମହିଳା ସଶକ୍ତିକରଣ ଏକ ଯୁଗାନ୍ତକାରୀ ପଦକ୍ଷେପ



**ଡେରାବିଶ,୧୮।୨(ସମିସ)**

ଡେରାବିଶ ବ୍ଲକ ବସପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସପୁର ସରପଞ୍ଚ କମଳା ଦାସ ଅଧ୍ୟକ୍ଷତା କରିଥିଲେ। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପାଟକୁରା ବିଧାୟିକାଙ୍କ ପ୍ରତିନଧି ତଥା ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ଯୋଗଦେଇ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଶସକ୍ତିକରଣ ପାଇଁ ୭୦ ଲକ୍ଷ ମହିଳା ଗୋଷ୍ଠୀ ସଦସ୍ୟଙ୍କ ୟୁନିଫର୍ମ ପାଇଁ ୧୦୦୦ ଟଙ୍କା ଓ ଦେଢ଼ ଲକ୍ଷ ଇସି ଏବଂ ଏମ୍‌ସି ସଭ୍ୟାଙ୍କ ପାଇଁ ବ୍ଲେଜର ବାବଦରେ ୨୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏଥିସହିତ ମିଶନ ଶକ୍ତି ମାଧ୍ୟମରେ ନାରୀ ଶସକ୍ତିକରଣ ପାଇଁ ୫-ଟି ଯୋଜନାରେ ୭୦୦ କୋଟି ଟଙ୍କା ବ୍ୟୟ କରାଯାଇଥିବା ଶ୍ରୀ ଅଗ୍ରୱାଲ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବସପୁର ପଞ୍ଚାୟତରେ ୧୩ଟି ପ୍ରକଳ୍ପ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୯୨୦ ପରିବାରର ମୋଟ ୩୫୦୧ ହିତାଧିକାରୀ ଉପକୃତ ହୋଇ ପାରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ନାଏବ ସରପଞ୍ଚ ପ୍ରକାଶ ଲେଙ୍କା ମଞ୍ଚାସୀନ ଥିଲେ। ଭକ୍ତି ପ୍ରସାଦ ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରସନ୍‌ଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

**କେନ୍ଦ୍ରାପଡା,୧୮।୨(ସମିସ):** ଇଛାପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉନବିଂଶତମ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ପ୍ରଫେସର ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପିକା ଡ. ସୁଷମା ଶତପଥୀ ଓ ମୁଖ୍ୟବକ୍ତା ଭାବେ ମାନସଭୂଷଣ ପଣ୍ଡିତ, ହୃଷୀକେଶ ରଥ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀର ଆବଶ୍ୟକତା ଓ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ମା'ମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ପରିଚାଳନା ସମିତି ସମ୍ପାଦକ ଅଶୋକ କୁମାର ସୁଆର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ଦେବୀ ଗୁରୁମା ଓ ଶିଶୁମାନେ ସାମୂହିକ ସଂଗୀତ ଗାନ କରିଥିବା ବେଳେ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ବ୍ୟକ୍ତିଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଏବଂ ମା'ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉପସଭାପତି ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

**କୁଜଙ୍ଗ,୧୮।୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ମକରପଡ଼ିଆଠାରେ ପ୍ରତିଷ୍ଠିତ ସେଣ୍ଟ ଜାଭିୟର୍ ହାଇସ୍କୁଲର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଗୋଲକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶକ ଡ଼ ସୁନାକର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନେ ଭବିଷ୍ୟତରେ ପରିବାରରୁ ନୈତିକ ଶିକ୍ଷା ଗ୍ରହଣ କରି ଜଣେ ଜଣେ ସୁ-ନାଗରିକ ହେବାକୁ କହିଥିଲେ। ମୁଖ୍ୟ ବକ୍ତା ଭାବେ ଆଦିକବି ଶାରଳା ଦାଶ କଲେଜ ପରିଚାଳନା ପରିଷଦର ସଭାପତି ବିମଳ କୁମାର ମହାପାତ୍ର ଏକ ନୀତିଶିକ୍ଷା ପୂର୍ଣ୍ଣ ଗଳ୍ପ ମାଧ୍ୟମରେ ପିଲାମାନଙ୍କୁ ସଂସ୍କାରିତ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ରବୀନ୍ଦ୍ର କୁମାର ପରିଡା, ଓଷ୍ଟାର ଜିଲ୍ଲା ସମ୍ପାଦକ ବସନ୍ତ କୁମାର ଦାସ, ସୁଶ୍ରୀ ଶୁଭଶ୍ରୀ ଚାରିଟେବୁଲ ଟ୍ରଷ୍ଟ ସଂପାଦିକା ବସନ୍ତ ମଞ୍ଜରୀ ଦାସ ଓ ବଟଶ୍ରୀ ଚାରିଟେବୁଲ ଟ୍ରଷ୍ଟ ସମ୍ପାଦିକା ବିଭୂଶିତା ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ସ୍ୱାଇଁ ନିଜର ପ୍ରତିରକ୍ଷା ଚାକିରି ଜୀବନର ଅନୁଭୂତିକୁ ଅବତାରଣା କରି ଶୃଙ୍ଖଳା ମାଧ୍ୟମରେ ଜୀବନରେ ଜଣେ ଭଲ ମଣିଷ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଅଞ୍ଜନା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ।

## ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ରାଜନଗର,୧୮।୨(ସମିସ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଦନପୁର ସ୍ଥିତ ପୂର୍ଣ୍ଣତୋୟା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ଅଧ୍ୟକ୍ଷା ସୁଜାତା ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଶିଶୁ ମାନଙ୍କର ବୌଦ୍ଧିକ ବିକାଶ କ୍ଷେତ୍ରରେ ମା'ମାନେ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଆସନ୍ତାକାଲିର ଶିଶୁମାନେ ବିକଶିତ ହୋଇ ଆମ ମାଟିର ନାମ ଉଜ୍ଜଳ କରିବେ ବୋଲି ଉପସ୍ଥିତ ମାତୃମଣ୍ଡଳୀକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଆଲୋକ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ପତ୍ରକାର ଭାସ୍କର ରାଉତରାୟ, ଅଧ୍ୟକ୍ଷ ବିପିନ ବିହାରୀ ମିଶ୍ର, ଯୁବ ସମାଜସେବୀ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସାହୁ ଆଦର୍ଶ ବୃତ୍ତି ପାଇଥିବା ୮ ଜଣଙ୍କୁ ପୁରସ୍କୃତ କରିଥିଲେ।



